ଧରିତ୍ରୀ
DHARITRI
November 8-14, 2020 ₹ 2/-

ଛୁଟିଦିନ

# ପିଲାଙ୍କ ଦୁନିଆ



୪
ପ୍ରଚ୍ଛଦ ପ୍ରସଙ୍ଗ

ମଣିଷର ବୟସ ବଢ଼େ, ସମୟ ଗଡ଼େ। ହେଲେ ପିଲାଦିନ ଯେଉଁଠି ଥାଏ ସେଇଠି। ସମୟ ଅନୁସାରେ ପିଲାମାନଙ୍କର ଆବଶ୍ୟକତା ଯେମିତି ବଦଳିଥାଏ, ବଡମାନଙ୍କର ଆଶା ବି ସେମିତି  ବଢ଼ି ଚାଲିଥାଏ। ଏ ଭିତରେ ପିଲାମାନଙ୍କର ପିଲାଳିଆମି ହଜିଯାଏନି ତ !!!

୧୩
ସହରଠୁ ଦୂର

୮/୯
ସିନେମା



## ସୁଖ ସମୃଦ୍ଧି ପାଇଁ ସଜାନ୍ତୁ ଘର

**ଘର ସଜାଇବାରେ ବାସ୍ତୁଶାସ୍ତ୍ରର ଏକ ପ୍ରମୁଖ ଭୂମିକା ରହିଛି। ଏହା ଅନୁଯାୟୀ କିଛି ଜିନିଷରେ ଘର ସଜାଇଲେ ଘରେ ସୁଖସମୃଦ୍ଧି ବଢ଼ିବ ଓ ଦୁର୍ଭାଗ୍ୟ ବି ଆସିବ ନାହିଁ। ଜାଣନ୍ତୁ ସେ ସମ୍ପର୍କରେ...**

-ରାମାୟଣ ବା ମହାଭାରତ ଭଳି ଯୁଦ୍ଧ ଫଟୋ ବା ପେଣ୍ଟିଂ ଘରେ ଟାଙ୍ଗନ୍ତୁ ନାହିଁ। ଏହାଦ୍ୱାରା ପରିବାର ସଦସ୍ୟଙ୍କ ମଧ୍ୟରେ ତିକ୍ତତା ବଢ଼ିବା ସହ ପ୍ରତିଦ୍ୱନ୍ଦ୍ୱିତା ସୃଷ୍ଟି ହୋଇପାରେ।



-ଘର ଭିତରେ କ୍ୟାକଟସ୍ ବା ଅନ୍ୟ କଣ୍ଟାଜାତୀୟ ଗଛ ରଖନ୍ତୁ ନାହିଁ। ଗୋଲାପ ଗଛ ବି ଘର ଭିତରେ ରଖିବା ଅନୁଚିତ। ଏହା କ୍ଷୟକ୍ଷତି ଓ ବିନାଶର କାରଣ ହୋଇପାରେ।

-ବାସ୍ତୁଶାସ୍ତ୍ର ଅନୁଯାୟୀ ଫଳ, ଫୁଲ ନ ଥିବା ଗଛର ଚିତ୍ର, ବୁଡିଯାଉଥିବା ଡଙ୍ଗାର ଚିତ୍ର, ଶିକାର କରୁଥିବା ଚିତ୍ର, ଇନ୍ଦ୍ରଜାଲ ପରି ଚିତ୍ର, କାନ୍ଦୁଥିବା ଶିଶୁର ଚିତ୍ର, ଦ୍ୱନ୍ଦ୍ୱ ସୃଷ୍ଟି କରୁଥିବା ଫଟୋ ବା ପେଣ୍ଟିଂ ଆଦି ଘରେ ଟାଙ୍ଗିବା ଅନୁଚିତ। ଏସବୁ ଘରେ ନକାରାତ୍ମକ ଶକ୍ତି ସୃଷ୍ଟି କରିଥାଏ ଓ ଜୀବନରେ ଦୁଃଖ ଆଣିଥାଏ।

-ତାଜମହଲର କୌଣସି ସୋପିସ୍ ବା ପେଣ୍ଟିଂ ଘରେ ନ ରଖିବା ଭଲ।

-ଘୁଷୁରି, ସାପ, ଚିଲ, ପେଚା, କାଉ, ବାଦୁଡ଼ି, ଶାଗୁଣା, ପାରା ଆଦିଙ୍କ ଫଟୋ ବା ମୂର୍ତ୍ତି ରଖନ୍ତୁ ନାହିଁ। ଭାଲୁ, ବାଘ, ବିଲୁଆ, ସିଂହ ଆଦି ହିଂସ୍ର ପ୍ରାଣୀଙ୍କର କୌଣସି କାଠ ବା ଧାତୁ ନିର୍ମିତ ମୂର୍ତ୍ତି ରଖନ୍ତୁ ନାହିଁ। ଏସବୁ ଘରେ ନକାରାତ୍ମକ ପ୍ରଭାବ ପକାଇଥାଏ।

-ଦେବଦେବୀଙ୍କ ଅଧା ଭଙ୍ଗା ମୂର୍ତ୍ତି ବା ଅଧା ଚିରା ଫଟୋ ରଖନ୍ତୁ ନାହିଁ। ଭଙ୍ଗା ଆଇନା ମଧ୍ୟ ଘରେ ରଖନ୍ତୁ ନାହିଁ।

## ଏ ସପ୍ତାହର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର

ନଭେମ୍ବର ୮-୧୪

**ମେଷ**: କାମକୁ ସମ୍ପୂର୍ଣ୍ଣ କରିବେ, ଘର ସାଜସଜାରେ ବ୍ୟସ୍ତତା, ବନ୍ଧୁଙ୍କ ସାହାଯ୍ୟ ପ୍ରତିଶ୍ରୁତି, ଭ୍ରାତୃସମ୍ପର୍କ ବୃଦ୍ଧି, ସ୍ୱାସ୍ଥ୍ୟରେ ଉନ୍ନତି, ସଫଳଭ୍ରମଣରୁ ଆନନ୍ଦ, ବକେୟା ପାଉଣା ପ୍ରାପ୍ତି, ସହକର୍ମୀଙ୍କ ସହଯୋଗ।

**ବୃଷ**: ପାରିବାରିକ ସମସ୍ୟା, ଭାବପ୍ରବଣତାରୁ ଅସ୍ଥିରତା, ପ୍ରତିବନ୍ଧକର ଆଶଙ୍କା, କରଜଦାତାଙ୍କ ଚାପ, ବିବାଦୀୟ ପରିସ୍ଥିତି, ବନ୍ଧୁପ୍ରସ୍ତାବ ଆସିବ, ଲୋକସମ୍ପର୍କ ବୃଦ୍ଧି, କର୍ମରେ ଶିଥିଳତା।

**ମିଥୁନ**: ଆରୋଗ୍ୟ ଲାଭ, କର୍ମକ୍ଷେତ୍ରରେ ବିଶୃଙ୍ଖଳା, ଭ୍ରମଣରୁ ମିତ୍ରତା, ସନ୍ତାନହେତୁକ ଦ୍ୱନ୍ଦ୍ୱ, ଆର୍ଥିକ ସଙ୍କଟରୁ ଦୁଃଖ, ବନ୍ଧୁଙ୍କ ଆଚରଣରେ ସନ୍ଦେହ, ପରିବହନରେ କ୍ଷତି, ଆନୁଷ୍ଠାନିକ କାର୍ଯ୍ୟାରମ୍ଭ।

**କର୍କଟ**: ଅର୍ଥ ଓ ସମ୍ମାନ ଲାଭ, ମାନସିକ ଶାନ୍ତି। ସଂସ୍କୃତି ଜ୍ଞାନ ବଢ଼ିବ, ଭ୍ରମଣ କାଳରେ କ୍ଲେଶ, ଭ୍ରାତୃସମ୍ପର୍କରେ ଉନ୍ନତି। ଶିକ୍ଷାରେ ସଫଳତା, ମିଥ୍ୟା ଗୁଜବରୁ ଅସ୍ଥିରତା, ମାଲି ମକଦ୍ଦମାର ଦୁଶ୍ଚିନ୍ତା, ଉପରିସ୍ଥଙ୍କ ଅନୁକମ୍ପା।

**ସିଂହ**: ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେବେ, ମନୋରଞ୍ଜନରେ ଆଗ୍ରହ, ଶିଳ୍ପବାଣିଜ୍ୟରେ ଉନ୍ନତି, ପେଟରୋଗର ସମସ୍ୟା, ନୂତନ ନିଯୁକ୍ତିର ସୁଯୋଗ, ଜମାରାଶି ପାଇବେ, ନିର୍ମାଣରେ ସମସ୍ୟା।

**କନ୍ୟା**: ସମ୍ପର୍କୀୟଙ୍କ ସହଯୋଗ, ଯୋଗାଣ ବେପାରରେ ଉନ୍ନତି, ମାଙ୍ଗଳିକ କାମରୁ ଖୁସି। ବିଭିନ୍ନ ସୂତ୍ରରୁ ରୋଜଗାର। ବିଦେଶଯାତ୍ରାର ସୁଯୋଗ, ଗୁରୁଜନଙ୍କ ପରାମର୍ଶ।

**ତୁଳା**: ବନ୍ଧୁମିଳନର ଆନନ୍ଦ, କଠିନ ଶ୍ରମରୁ କ୍ଲାନ୍ତି, ଧାର ସୂତ୍ରରେ ଅର୍ଥପ୍ରାପ୍ତି, ସମସ୍ୟାର ମୁକାବିଲା। ଯାନବାହନରେ ତ୍ରୁଟି, ପଡୋଶୀଙ୍କ ଆକ୍ଷେପୋକ୍ତି, ସାଂସ୍କୃତିକ କାର୍ଯ୍ୟକ୍ରମରେ ବାଧା, ଗସ୍ତ କାର୍ଯ୍ୟକ୍ରମ ସ୍ଥଗିତ।

**ବିଛା**: ବନ୍ଧୁଙ୍କ ପ୍ରତାରଣା, ମାନସିକ ଅସ୍ଥିରତା, ଯାନବାହନ କ୍ରୟ, ନିର୍ମାଣାଧୀନ କାର୍ଯ୍ୟରେ ଦ୍ୱନ୍ଦ୍ୱ, ନିଃସଙ୍ଗତା ବୋଧ, ଚୁକ୍ତିପତ୍ର ସ୍ୱାକ୍ଷରିତ। ପରୋକ୍ଷ ଶତ୍ରୁତା, ନୈରାଶ୍ୟଜନିତ ଦୁଃଖ, ସନ୍ତାନଙ୍କ ବିଶୃଙ୍ଖଳା, ବ୍ୟବସାୟରେ ଉନ୍ନତି।

**ଧନୁ**: କର୍ମକ୍ଷେତ୍ରରେ ବିରୋଧ, ସହକର୍ମୀଙ୍କ ସମାଲୋଚନା, ଅବହେଳାରୁ କାର୍ଯ୍ୟହାନି, ଆତ୍ମୀୟଙ୍କ ପକ୍ଷପାତିତା, ବିଜାତୀୟ ବ୍ୟକ୍ତିଙ୍କ ସାହାଯ୍ୟ, ଶତ୍ରୁ ଉପଦ୍ରବ କମିବ, ଅସାବଧାନତାରୁ ଧନହାନି, ନିଯୁକ୍ତି ଅଫର୍ ପାଇବେ।

**ମକର**: ବିବାଦୀୟ ପରିସ୍ଥିତି, ବନ୍ଧୁଙ୍କ ସମବେଦନା, ସମସ୍ୟାର ସମାଧାନ, ସମ୍ପର୍କୀୟଙ୍କ ପ୍ରତିବାଦ, ଶୁଭଖବର ପାଇବେ, ପ୍ରଶାସନିକ ତତ୍ପରତା, ରାଜନୈତିକ ସଂକଟ, କରଜଦାତାଙ୍କ ଚାପ।

**କୁମ୍ଭ**: ଅନୁକୂଳ ପରିବେଶରୁ ଆନନ୍ଦ, ତର୍କବିବାଦର ପରିସମାପ୍ତି, ସ୍ୱଳ୍ପ ପାରିଶ୍ରମିକତାରୁ କ୍ଷୋଭ, ପିତାଙ୍କ ସ୍ୱାସ୍ଥ୍ୟରେ ଉନ୍ନତି। ପାରିବାରିକ ଅସହଯୋଗରୁ ଚିନ୍ତା, ସମ୍ପର୍କରେ ସନ୍ଦେହ, ସାମ୍ବାଦିକତାରୁ ଗୌରବ।

**ମୀନ**: ନୂତନ କର୍ମାରମ୍ଭ, ମାଙ୍ଗଳିକ କାର୍ଯ୍ୟର ଆଲୋଚନା, ପ୍ରତିକୂଳ ପରିସ୍ଥିତିର ଚାପ। ବୁଝାମଣାରେ ଅଗ୍ରଗତି, ଯାତ୍ରାରେ ସଫଳତା, ପ୍ରାପ୍ୟଧନରେ ବାଧା, ପ୍ରତୀକ୍ଷିତ ଖବରପ୍ରାପ୍ତି, କାମ ଅଟକିବ ନାହିଁ, ପରିବାରରେ ମତଭେଦ, ରୋଗ ଉପଶମରୁ ଆଶ୍ୱସ୍ତି।

## ଅଟୋରିକ୍ସାରେ ଘର

**ଅ**ଟୋରିକ୍ସାରେ ପୁଣି ଭ୍ରାମ୍ୟମାଣଘର! କଥାଟା ଶୁଣି ଆଶ୍ଚର୍ଯ୍ୟ ଲାଗିପାରେ କିନ୍ତୁ ଏକଥା ସତ। ଏହି ପରି ଆକର୍ଷଣୀୟ ଭ୍ରାମ୍ୟମାଣ ଘରକୁ ଡିଜାଇନ୍ କରିଛନ୍ତି ତାମିଲନାଡୁର ୨୩ ବର୍ଷୀୟ ଯୁବକ ଏନ୍.ଜି.ଅରୁନ୍ ପ୍ରଭୁ। ଏହା ଭାରତର ପ୍ରଥମ ଭ୍ରାମ୍ୟମାଣ ଘର। ଏହା ଫ୍ଲାଟ୍, ଆପାର୍ଟମେଣ୍ଟ ଓ ଗାଁଘର ମିଶ୍ରଣରେ ଡିଜାଇନ ହେଇଛି। ଏହି ଘରର ନାଁହେଉଛି ସୋଲୋ ୦.୧। ଏହା ୩୬ ବର୍ଗ ଫୁଟ୍ ଜାଗାରେ ତିଆରି। ଯେଉଁଥିରେ ଗୋଟିଏ ବେଡ୍‌ରୁମ ସହିତ ଲିଭିଙ୍ଗରୁମ,ରୋଷେଇ ଘର, ପାଇଖାନା, ବାଥଟବ୍, କାମ କରିବା ପାଇଁ ଖାଲିଜାଗା ଓ ଏକ ୨୫୦ଲିଟରର ପାଣିଟାଙ୍କି ମଧ୍ୟ ରହିଛି। ଏଥିରେ ପ୍ରାୟ ୨-୩ଜଣ ବ୍ୟକ୍ତି ଆରାମରେ ରହିପାରିବେ। ଏହି ପ୍ରୋଜେକ୍ଟର ଲକ୍ଷ୍ୟ ହେଉଛି ଯୁବ ଇଞ୍ଜିନିୟରମାନଙ୍କୁ ଉତ୍ସାହିତ କରିବା।



## ପାଠକୀୟ

➤ଛୁଟିଦିନ ଅକ୍ଟୋବର ୨୫-୩୧ ସଂଖ୍ୟାର ପ୍ରଚ୍ଛଦ ପ୍ରସଙ୍ଗ 'ମା' ହୃଦୟସ୍ପର୍ଶୀ ହୋଇଛି। ସୃଜନ ପୃଷ୍ଠା ଓ ଅନ୍ୟାନ ଲେଖା ପଢ଼ି ଖୁସି ହେଲି। ହାଃ ହାଃ ବେଶ୍ ମଜାଦାର ଲାଗିଲା। କାର୍ଟୁନ କର୍ନର ମନଛୁଆଁ ହୋଇଛି।

– ନିରଞ୍ଜନ ସାହୁ, ନେତପୁର, ପୁରୀ

➤ପ୍ରଚ୍ଛଦ ପ୍ରସଙ୍ଗ ମା' ବହୁତ ଭଲ ଲାଗିଲା। ସବୁଠୁ ଉଚ୍ଚା ଦୁର୍ଗା ମୂର୍ତ୍ତିର ଫଟୋ ଦେଖି ଆଶ୍ଚର୍ଯ୍ୟ ହେଲି। ଉକ୍ତ ମୂର୍ତ୍ତିକୁ ଜଣେ ମୁସଲମାନ ବ୍ୟକ୍ତି ତିଆରି କରିଥିବା ଜାଣି ଖୁସି ଲାଗିଲା। ସୃଜନ ପୃଷ୍ଠାର ଗପ କବିତା ବେଶ୍ ମନଛୁଆଁ ଥିଲା।

–ଚିନ୍ମୟ କୁମାର ଧଳ, ବନ୍ତ, ଭଦ୍ରକ

➤ଅନ୍ୟର ମଙ୍ଗଳ ଚାହୁଁଥିବା, ଅନ୍ୟ ପାଇଁ ଜିଇଁଥିବା ନାରୀମାନଙ୍କ କାହାଣୀ ପଢ଼ି ଭଲ ଲାଗିଲା। ଏହି ନାରୀମାନେ ସତରେ ଅନ୍ୟ ପାଇଁ ପ୍ରେରଣା। ହାଃ ହାଃ ମଜାଦାର ହେଉଛି।

–ସୀମାଞ୍ଚଳ ପତି, କେନ୍ଦୁଝର

➤ଏଥରର ସୃଜନ ପୃଷ୍ଠା ହୃଦୟକୁ ଛୁଇଁଗଲା। ସିନେମା ପୃଷ୍ଠାର 'ସମୟାନୁବର୍ତ୍ତୀ ବାଣୀ', 'ଜନ୍ ଯାହା ଚାହୁଁଥିଲେ' ପାଠଗୁଡ଼ିକ ଭଲ ଲାଗିଲା। କାର୍ଟୁନ କର୍ନର ବେଶ୍ କଉତୁକିଆ ହେଉଛି।

–ଲଜ୍ଜାଲୀ ରଣା, ବାଘମାରୀ, ନୟାଗଡ

➤ମଡେଲ ମିରରରେ ତ୍ରିଷ୍ଟା ଦେବୀ ଭଳି ଲାଗୁଥିଲେ। ହାଃ ହାଃ ମଜାଦାର ଥିଲା। ପ୍ରଚ୍ଛଦ ପ୍ରସଙ୍ଗ ବେଶ୍ ପଠନୀୟ ଥିଲା। ମଡେଲ୍ ଭାଲୁର ଫଟୋଗୁଡ଼ିକ ଆକର୍ଷକ ଥିଲା।

– ଅନୁରାଗ ମହାପାତ୍ର, ଜଗତସିଂହପୁର

➤ପ୍ରଚ୍ଛଦ ପ୍ରସଙ୍ଗ, ସୃଜନ ଓ ବ୍ୟାକପେଜ୍ ବେଶ୍ ଭଲ ଲାଗିଲା। ହାଃ ହାଃ ପଢ଼ି ମୋ ପୁଅ ଝିଅ ହସି ହସି ଗଡ଼ିଗଲେ। କାର୍ଟୁନ କର୍ନର ବି ତାଙ୍କର ବହୁତ ପ୍ରିୟ। ଭାଲୁ ଯେ, ମଡେଲ ହୋଇପାରେ ଭାବି ନ ଥିଲି। ମଡେଲ ଭାଲୁ ପାଠଟି ଚମତ୍କାର ଥିଲା।

–ଗୁଲୁଲି ମହାକୁଡ, ବ୍ରହ୍ମପୁର

➤ଛୁଟିଦିନ ଘରେ ଘରେ ପ୍ରିୟ। ତେଣୁ ସମସ୍ତେ ଚାହାନ୍ତି ପୂର୍ଣ୍ଣିଥରେ ଏହା ୧୬ ପୃଷ୍ଠାରେ ଆସୁ। ଏହାକୁ ପଢ଼ିଲେ ମନ ହାଲ୍‌କା ହୁଏ। ଦୟାକରି ଆଉ ଡେରି ନ କରି ଆମ ଅନୁରୋଧ ରକ୍ଷା କରନ୍ତୁ।

–ରାଜୁ ମିଶ୍ର, ସୀମା ବିଶ୍ୱାଳ, ଚିତ୍ରା ପଟ୍ଟନାୟକ, କଟକ

## ବିଶେଷ ଚିଠି




ପ୍ରତିଟି ପୃଷ୍ଠାରେ ସୁନ୍ଦର ବର୍ଣ୍ଣନ
ପ୍ରଚ୍ଛଦ ପ୍ରସଙ୍ଗ, ସାହିତ୍ୟ, ସୃଜନ
ହସ ଖେଳେ ଓଠେ ହାଃ ହାଃ ଦେଖି
କାର୍ଟୁନ କର୍ନର୍ ପ୍ରିୟ ସଭିଙ୍କର
କେତେ କେତେ କଥା ଜଣା ଅଜଣାର
ପ୍ରତି ରବିବାରେ କେତେ କଥା ଆଣ
ସବୁ ଓଡ଼ିଆଙ୍କ ଜିଣି ନିଏ ମନ
ଧନ୍ୟ ହେ ଧରିତ୍ରୀ ଧନ୍ୟ ତୁମ ଛୁଟିଦିନ।

**–ମାନିନୀ ସାହୁ**
ଭରତପୁର, ଖଣ୍ଡଗିରି, ଭୁବନେଶ୍ୱର

ଧରିତ୍ରୀ ଛୁଟିଦିନ
ସମ୍ପାଦକ: ତଥାଗତ ସତପଥୀ
Printed and published by Tathagata Satpathy on behalf of
Navajat Printers & Media Pvt. Ltd. and printed at Navajat Printers, B-15,
Rasulgarh Industrial Estate, Bhubaneswar-10, Ph.:2549302, Fax : 2549795

# ଦୀପାବଳିରେ ସଜାନ୍ତୁ ଘର...









**ଦୀପାବଳିରେ ସମସ୍ତେ ଚାହାନ୍ତି ନିଜ ଘର ସୁନ୍ଦର ଦେଖାଯାଉ। ଆଉ ସବୁ କୋଣ ଝଲସି ଉଠୁ। କିନ୍ତୁ ଦାମୀ ଘରସଜା ସାମଗ୍ରୀ କିଣି ଘର ସଜାଇବା ବ୍ୟୟସାପେକ୍ଷ ହୋଇଥାଏ। ସେଥିପାଇଁ ଜାଣନ୍ତୁ କମ୍ ଖର୍ଚ୍ଚ ଓ ସହଜରେ କିଭଳି ଘରକୁ ସଜାଇ ହେବ...**

**ବଦଳାନ୍ତୁ ଘରର ଲୁକ୍–**କାନ୍ଥରେ ସୁନ୍ଦର ୱାଲ ପେପର୍ ଲଗାଇ ଘରକୁ ନୂଆ ଲୁକ୍ ଦେଇପାରିବେ। ଯଦି ଆପଣଙ୍କର ପେଣ୍ଟିଂ ଭଲ ହୁଏ ତେବେ ନିଜେ ଚାହିଁଲେ କାନ୍ଥରେ ସୁନ୍ଦର ପେଣ୍ଟିଂ କରି ଘରର ଲୁକ୍ ବଦଳାଇପାରିବେ। ପୁରୁଣା ପରଦାକୁ ସଫା କରି ସେଥିରେ ସୁନ୍ଦର ଲେସ୍ ଲଗାନ୍ତୁ ଓ ଘରେ ଲଗାନ୍ତୁ। ଦେଖିବେ ଘରର ଲୁକ୍ ଆକର୍ଷକ ହୋଇଯିବ। ଡ୍ରଇଂ ରୁମ୍‌ରେ କୌଣସି ପ୍ଲାଣ୍ଟ ରଖିଥିଲେ ସେଥିରେ ଲାଇଟ୍ ଲଗାଇ ଦିଅନ୍ତୁ।

**ପ୍ରବେଶ ଦ୍ୱାରରେ ତୋରଣ–** ଦୀପାବଳିରେ ଘରର ସବୁ କୋଣର ସାଜସଜ୍ଜା ଉପରେ ଧ୍ୟାନ ଦିଆଯାଏ। ତେବେ ପ୍ରବେଶ ଦ୍ୱାର ହେଉଛି ମୁଖ୍ୟ। ଫୁଲ, ପତ୍ର, ରଙ୍ଗବେରଙ୍ଗର କାଗଜରେ ତିଆରି ସୁନ୍ଦର ତୋରଣ ଲଗାଇପାରିବେ। ଏହା ଘରକୁ ଫେଷ୍ଟିଭ୍ ଲୁକ୍ ଦେବ।

**ଫୁଲରେ ସଜାନ୍ତୁ–** ବିଭିନ୍ନ ରଙ୍ଗ ଓ ପ୍ରକାରର ତାଜା ଫୁଲରେ ଘରର କବାଟ, ଝରକା ଓ ଠାକୁର ଘରକୁ ସଜାଇପାରିବେ। ଏହାଦ୍ୱାରା ଘର ମନମୋହକ ବାସ୍ନାରେ ଭରିଯିବ। ମନ ସତେଜ ଓ ପ୍ରସନ୍ନ ହେବ।

**ରଙ୍ଗୋଲି–** ରଙ୍ଗବେରଙ୍ଗର ରଙ୍ଗୋଲି ଦେଖିବାକୁ ଭାରି ଆକର୍ଷକ ଲାଗେ। ଦୀପାବଳିରେ ରଙ୍ଗୋଲି ନିଶ୍ଚୟ କରନ୍ତୁ। ଆଉ ସେଥିରେ ଦୀପ ରଖି ସଜାନ୍ତୁ। ଚାହିଁଲେ ଫୁଲରେ ବି ରଙ୍ଗୋଲି ତିଆରି କରିପାରିବେ।


**ରଙ୍ଗିନ ମହମବତି–** ଦୀପାବଳିରେ ରଙ୍ଗିନ ମହମବତି ଘରକୁ ଆକର୍ଷକ କରାଏ। ଏହା ବିନା ତ ଯେମିତି ଦୀପାବଳି ଘର ସଜା ଅଧୁରା। ଘରର ବିଭିନ୍ନ ସ୍ଥାନରେ ଏହାକୁ ଜଳାନ୍ତୁ। ଦେଖିବେ ଘର ରଙ୍ଗିନ ଲାଗିବ ଓ ଆଲୋକରେ ଝଲସି ଉଠିବ।

**ଫେୟାରୀ ଲାଇଟ୍–** ଆଲୋକର ଏହି ପର୍ବରେ ଫେୟାରୀ ଲାଇଟ୍‌ର ବ୍ୟବହାର ନ କରିବେ ବା କେମିତି। ଏହାକୁ ବ୍ୟବହାର କଲେ ଦେଖିବେ ଘର ଝଲସି ଉଠିବ। ଚାହିଁଲେ ପରିବାର ସଦସ୍ୟଙ୍କର କିଛି ଫଟୋକୁ ଲାଇଟ୍ ମଝିରେ ଲଗାଇ କାନ୍ଥରେ ଟାଙ୍ଗି ପାରିବେ। ଏହାଦ୍ୱାରା ଦୀପାବଳି ଖାସ୍ ଲାଗିବ। ଥରେ ଏହି ଲାଇଟ୍ କିଣିଲେ, ଅନ୍ୟ ଖାସ୍ ଦିନରେ ବି ଏହାକୁ ବ୍ୟବହାର କରିପାରିବେ।

**ପେପରବ୍ୟାଗ୍ ଲ୍ୟୁମିନେୟର୍–** ଏହିଦିନର ଡେକୋରେଶନ୍ ପାଇଁ ପେପର୍‌ବ୍ୟାଗ୍ ଲ୍ୟୁମିନେୟର, ବ୍ୟାଟେରିରେ ଚାଲୁଥିବା ମହମବତି ଭଲ ବିକଳ୍ପ। ଏହା ଦେଖିବାକୁ ବହୁତ ୟୁନିକ୍ ଲାଗେ। ଏହାକୁ କାନ୍ଥରେ କିମ୍ବା ଛାତ ଉପରେ ଟଙ୍ଗାଇପାରିବେ।

**ଡେକୋରେଟିଭ୍ ଲାଣ୍ଟର୍ନ–** ଆଜିକାଲି କାଗଜ, କପଡା ଓ ଗ୍ଲାସ୍‌ରେ ତିଆରି ବିଭିନ୍ନ ସୁନ୍ଦର ସୁନ୍ଦର ଡିଜାଇନ୍‌ର ଡେକୋରେଟିଭ୍ ଲାଣ୍ଟର୍ନ ବଜାରରେ ଉପଲବ୍ଧ ହେଉଛି। ଏହାର ମୂଲ୍ୟ ବି ବେଶି ନ ଥାଏ। ଚାହିଁଲେ ନିଜେ ମଧ୍ୟ ଏହାକୁ ତିଆରି କରି ଘରକୁ ଡିଫରେଣ୍ଟ ଲୁକ୍ ଦେଇପାରିବେ।





# ପିଲାଙ୍କ ଦୁନିଆ



ସମସ୍ତେ ସ୍ୱାଧୀନତା ଶବ୍ଦଟିକୁ ବହୁତ ଗୁରୁତ୍ୱ ଦେଇ କଥା ହୁଅନ୍ତି। ଦେଶ ସ୍ୱାଧୀନତା ଲାଭ କଲା ଆମର ବାକ୍ ସ୍ୱାଧୀନତା ଦରକାର, ସ୍ୱାଧୀନତା ବିନା ଜୀବନର ମୂଲ୍ୟ ନାହିଁ – ଏହିପରି ଅନେକ ପ୍ରକାରେ ଆମେ ସ୍ୱାଧୀନତାକୁ ଏକ ଅମୂଲ୍ୟ ରତ୍ନ ରୂପରେ ଗଣିଥାଉ। ହେଲେ ପିଲାମାନଙ୍କର କେତେ ସ୍ୱାଧୀନତା ଦରକାର ଓ ସେମାନେ କେତେ ସ୍ୱାଧୀନତା ପାଇଥାଆନ୍ତି, ସେ କଥାକୁ କେହି ନଜର ଦିଅନ୍ତିନି। ବେଳେବେଳେ ଲାଗେ ପିଲାଙ୍କୁ ଆମେ ଆମର ସମ୍ପତ୍ତି ଭଳି ବ୍ୟବହାର କରୁ। ସେମାନଙ୍କୁ ବଢ଼େଇବାର ପ୍ରକ୍ରିୟା ଯେପରି ପୁଞ୍ଜି ନିବେଶର ଏକ ପ୍ରକ୍ରିୟା। ମାତାପିତା ଯାହା ହୋଇ ନ ଥାନ୍ତି ପିଲାଟି ତାହା ହାସଲ କରୁ ବୋଲି ଚାହାନ୍ତି। ବିଚରା ପିଲାଏ ଅଭିଭାବକଙ୍କ ଉଚ୍ଚକାଂକ୍ଷାକୁ ବୋହି ଚାଲିଥାଆନ୍ତି। ଶିକ୍ଷକମାନେ ବି ପିଲାଙ୍କ ଉପରେ ଗୁଡ଼ିଏ ବହିପଢ଼ା ଆଦର୍ଶ ଲଦି ଦିଅନ୍ତି। ଆମେ ପିଲାଙ୍କୁ ଫୁଲ ସହ ତୁଳନା କରୁ,ହେଲେ ସେମାନେ କେମିତି ଫୁଟିବେ ଅନେକ ସମୟରେ ତା'ର ରୂପରେଖ ଆମେ ନିର୍ଣ୍ଣୟ କରି ଦେଉ। ସେମାନଙ୍କ ପାଇଁ ଅନୁକୂଳ ପରିବେଶ ସୃଷ୍ଟିକରି ସେମାନଙ୍କୁ ସେମାନଙ୍କ ହାତରେ ଛାଡ଼ିଦେବା କେବେବି ହୁଏ କି? ଶେଷରେ ପୁରୁଣା ସମାଜ ନୂଆ ରୂପରେ ପ୍ରତିଭାତ ହୁଏ। କିନ୍ତୁ କିଛି ବଦଳି ନ ଥାଏ। ତେଣୁ ପିଲାଙ୍କୁ କିପରି ଉପଯୁକ୍ତ ମାର୍ଗଦର୍ଶନ ଦେଇ ଜଣେ ଭଲ ମଣିଷ ଭାବେ ଗଢ଼ିହେବ, ସେ ଦାୟିତ୍ୱ ପ୍ରତ୍ୟେକ ମାତାପିତା, ଶିକ୍ଷକ ଓ ଗୁରୁଜନଙ୍କର।

## ପିଲାଙ୍କ ସ୍ୱାଧୀନତା ସ୍ୱେଚ୍ଛାଚାରରେ ପରିଣତ ନ ହେଉ

– ***ଶୈଳଜ ରବି*** *( ବିଶିଷ୍ଟ ସାହିତ୍ୟିକ ଓ ସାମାଜିକ କର୍ମୀ )*

ସ୍ୱାଧୀନତା ଏକ ଜୈବିକ ଆବଶ୍ୟକତା । ଯାହା ପାଖରେ ସୂଚନା ନାହିଁ ସିଏ କିପରି ସ୍ୱାଧୀନତା ଭୋଗିବ ! ଅଜ୍ଞର ସ୍ୱାଧୀନତା କ'ଣ ? ପିଲାଙ୍କୁ ନିର୍ଦ୍ଦିଷ୍ଟ ବୟସ ପର୍ଯ୍ୟନ୍ତ ଆଧିପତ୍ୟର ସହିତ ମାର୍ଗଦର୍ଶନ କରିବା ଦରକାର। ଅଧିକାର ସହ କର୍ତ୍ତବ୍ୟବୋଧ ରହିବା ଉଚିତ। ସମ୍ବିଧାନରେ ମୌଳିକ ଅଧିକାର ସହ ମୌଳିକ କର୍ତ୍ତବ୍ୟର କଥା ଉଲ୍ଲେଖ ଅଛି। ପିଲାଙ୍କ ସ୍ୱାଧୀନତା ସ୍ୱେଚ୍ଛାଚାରରେ ପରିଣତ ନ ହେଉ। ପିଲାଏ ତାଙ୍କ ଅଧିକାର ଓ କର୍ତ୍ତବ୍ୟ ଉଭୟ ଜାଣିବା ଆବଶ୍ୟକ। ମୁରବି ଓ ଶିକ୍ଷକମାନେ ନିଜେ ଯେତିକି ଆଚରଣ ଦେଖାନ୍ତି ପିଲାଙ୍କୁ ସେତିକି ଶିଖାଇବା ଉଚିତ। ତାହେଲେ ତାହା ପିଲାଙ୍କୁ ଛୁଇଁବ। ତାଙ୍କୁ ଲାଗିବ କେହି ତାଙ୍କୁ ବଳପ୍ରୟୋଗ କରୁନାହାନ୍ତି। ପିଲାଙ୍କୁ ସଚେତନ କରାଇବା ବଡ଼ କଥା। କିଛି ଛାତ୍ର ଏତେ ଦୁଷ୍ଟ ଥାଆନ୍ତି ଯେ ତାଙ୍କୁ ଦଣ୍ଡ ଦରକାର ପଡ଼େ। ତେଣୁ ପିଲାର ମାନସିକତା ଦେଖି ତାକୁ ଶାସନ କରିବେ କି ସ୍ନେହ କରି ବାଟକୁ ଆଣିବେ ତା'ର ଦାୟିତ୍ୱ ଗୁରୁଜନଙ୍କ ଉପରେ।

## ପିଲାଙ୍କ ଲାଗି ଆମକୁ ସମ୍ବେଦନଶୀଳ ହେବାକୁ ପଡ଼ିବ

***–ମନୋଜ ଦାଶ*** *( ବିଦ୍ୟାଳୟ ପରିଚାଳକ )*

ପିଲାଟିଏ ଜନ୍ମ ନେଲା ବେଳେ ପ୍ରତ୍ୟେକ ଅଭିଭାବକଙ୍କ ପାଇଁ ଏକ ନୂତନ ସମ୍ଭାବନା ନେଇକି ଆସେ। ବୋଧହୁଏ ସେଇ ଦିନରୁ ହିଁ ପ୍ରତିଯୋଗିତା ଆରମ୍ଭ ହୋଇଯାଏ ତା'ର ଭବିଷ୍ୟତକୁ ନେଇ। ପିଲାଟି ନାମରେ କେତୋଟି ସ୍ଥାୟୀ ଜମା କରିବା, ଜାଗା କିଣିବା, ତା' ପାଠପଢ଼ା ପାଇଁ ଯୋଜନା କରିବା ଇତ୍ୟାଦି ଇତ୍ୟାଦି। ନିଜର ଅସମ୍ପୂର୍ଣ୍ଣ ସ୍ୱପ୍ନକୁ ପୂରଣ କରିବା ପାଇଁ ପ୍ରତ୍ୟେକ ମାତାପିତା ଲାଗିପଡ଼ନ୍ତି। ଅଭିଭାବକମାନଙ୍କ ଆବେଗକୁ ନଜର ଦେଇ ସହରଠାରୁ ଗାଁ ପର୍ଯ୍ୟନ୍ତ ପ୍ରତି ଗଳିକନ୍ଦିରେ ଖୋଲି ଚାଲିଛି ପ୍ଲେ ସ୍କୁଲ, ଶିଶୁ ଯତ୍ନ କେନ୍ଦ୍ର। ଉଭୟେ କର୍ମଜୀବୀ ଥିବା ଅଭିଭାବକ ଯେଉଁମାନେ ଏକକ ପରିବାରର ଥାଆନ୍ତି ସେମାନେ ଏହି ଅନୁଷ୍ଠାନରେ ପିଲାଙ୍କୁ ଛାଡ଼ି ଆଶ୍ୱସ୍ତ ହୁଅନ୍ତି। ରୁଷୋଙ୍କ "Man is born free but everywhere in chains "ନ୍ୟାୟରେ ପିଲା ଗୋଟେ ନିର୍ଦ୍ଦିଷ୍ଟ ଶୃଙ୍ଖଳାରେ ନ ବଢ଼ି ଖେଚେଡ଼ି ସଂସ୍କୃତିରେ ବଢ଼େ। ପିଲାଙ୍କ ଚପଳାମି ନ ସରୁଣୁ ଆମେ ତା' ହାତରେ ପେନ୍‌ସିଲ ଧରେଇ କହି ହେଉ ମୋ ପିଲା କେତେ ଆକ୍ଟିଭ୍ (ସକ୍ରିୟ )! ଆମେ ଆମ କାମରେ ବ୍ୟସ୍ତ ରହୁ। ମୋବାଇଲ୍ ଧରି ବସିଯାଉ। ପିଲାକୁ ସମୟ ଦେଉନା। ଅଝଟ ହେଲେ ତାକୁ ଟିଭିରେ କାର୍ଟୁନ ଦେଖାଇ ତୁନି କରୁ। ପରେ ସେ ଦେଖିବାକୁ ଚାହିଁଲେ ଆମେ ବିରକ୍ତ ହେଉ। ପିଲାବେଳୁ ଗାଁ ଦାଣ୍ଡରେ ଧୂଳି ଖେଳିବା, କଙ୍କି ଧରିବା, ଗୁଡ଼ି ଉଡ଼େଇବା, ନଈରେ ବୁଡ଼ିବା, ମାଛ ଧରିବା ଭଳି ପ୍ରଭୂତ ସ୍ୱାଧୀନତା ଆମକୁ ମିଳୁଥିଲା, ହେଲେ ପରିବେଶ, ସମାଜର ଦାବି ଅନୁଯାୟୀ ଆମେ ପିଲାଙ୍କୁ ବେଶି ଯାନ୍ତ୍ରିକ କରିଦେଉଛୁ। ପିଲାଙ୍କୁ ସ୍ୱାଧୀନ ହେବାର ସୁଯୋଗ ଦେଉନାହୁଁ। ଏଇ କଥାଟି ବୁଝି ପିଲାଙ୍କ ପାଇଁ ମୋହଗ୍ରସ୍ତ ନ ହୋଇ ସମ୍ବେଦନଶୀଳ ହୋଇପାରିଲେ ହୁଏତ ପିଲାଙ୍କୁ ପିଲାଙ୍କ ମୁତାବକ ସ୍ୱାଧୀନତା ମିଳିପାରିବ।

## ପିଲାଙ୍କ ରୁଚି ଓ ଆଗ୍ରହକୁ ଗୁରୁତ୍ୱ ଦିଏ

***–ସସ୍ମିତା ମହାପାତ୍ର,*** *ଶିକ୍ଷୟିତ୍ରୀ , ରାଉରକେଲା*

ପ୍ରତ୍ୟେକ ସଫଳ ବ୍ୟକ୍ତିତ୍ୱଙ୍କ ଭବିଷ୍ୟତ ମୂଳଦୁଆ ଶୈଶବରୁ ହିଁ ପଡ଼ିଥାଏ। ଏହି ସମୟରେ ତାକୁ ପ୍ରଥମେ ମାତାପିତା ଓ କ୍ରମେ ଶିକ୍ଷକଙ୍କର ସାହାଯ୍ୟ, ସହଚର୍ଯ୍ୟା ଏବଂ ସମର୍ଥନର ଏକାନ୍ତ ଆବଶ୍ୟକତା ଥାଏ ତା'ର ସ୍ୱପ୍ନ ପୂରଣ କରିବା ପାଇଁ। କିନ୍ତୁ ଶିଶୁମାନେ ଅନେକ ସମୟରେ ଅଭିଭାବକମାନଙ୍କ ଚାପରେ ନିଜର ରୁଚି ପରିବର୍ତ୍ତେ ବଡ଼ମାନଙ୍କ କଥାନୁସାରେ ନିଜ ରୁଚି ବଦଳାଇବାକୁ ବାଧ୍ୟ ହେଉଛନ୍ତି, ଯାହାଦ୍ୱାରା ସେମାନଙ୍କ ଉପରେ ମାନସିକ ଚାପ ପଡୁଛି। ଜଣେ ଶିକ୍ଷୟିତ୍ରୀ ହିସାବରେ ମୁଁ ମୋର କୋମଳମତି ଛାତ୍ରୀଛାତ୍ରଙ୍କ ରୁଚିକୁ ସମ୍ମାନ ଦେଇ, ଅଭିଭାବକଙ୍କ ସହ ପିଲାଙ୍କ ରୁଚି ଓ ତା ଆଗ୍ରହ ବିଷୟରେ କଥା ହୋଇ ସେ ଉପରେ ଗୁରୁତ୍ୱ ଦେବା ପାଇଁ ପରାମର୍ଶ ଦେଇଥାଏ।

## ଚାପ ବି ଛାତ୍ରଙ୍କୁ ଶୃଙ୍ଖଳିତ କରେ

***–ଜ୍ଞାନରଞ୍ଜନ ନାୟକ,*** *ଅଧ୍ୟକ୍ଷ, କେନ୍ଦ୍ରାପଡ଼ା*

ଶିଶୁମାନଙ୍କଠାରୁ ଆରମ୍ଭକରି ବୟସ୍କ ଲୋକଙ୍କ ଯାଏ 'ଚାପ' ଏକ ସାଧାରଣ କଥା। ବିଶେଷକରି ଛାତ୍ରୀଛାତ୍ରଙ୍କ ଜୀବନରେ ଏହି ଚାପ ଅଧିକ ଦେଖିବାକୁ ମିଳେ। ଚାପ ସେମାନଙ୍କ ଜୀବନରେ ଶୃଙ୍ଖଳା ରଖେ, ସେମାନଙ୍କୁ ଏକ ନିର୍ଦ୍ଦିଷ୍ଟ ଧାରାରେ ବାନ୍ଧିରଖି ନିଷ୍ଠାବାନ କରାଏ। ଯାହାକି ପରବର୍ତ୍ତୀ ଜୀବନରେ ସେମାନଙ୍କୁ →







ଶୈଳଜ ରବି



ଲୋପାମୁଦ୍ରା ପରିଡ଼ା



ସସ୍ମିତା ମହାପାତ୍ର



ମନୋଜ ଦାଶ



ଦେବ ରଞ୍ଜନ



ଡା. ଗୌରୀଶଙ୍କର ପଣ୍ଡା



ଜ୍ଞାନରଞ୍ଜନ ନାୟକ



ସ୍ୱୟଂଶ୍ରୀ



ଦାୟିତ୍ୱବାନ କରାଏ। ତେବେ ଏଇ ଚାପ ମାତାପିତା ଏବଂ ଶିକ୍ଷକମାନଙ୍କ ଆକାଂକ୍ଷା ପୂରଣ କରିବା ସକାଶେ ପ୍ରୟୋଗ କରାଗଲେ ଛାତ୍ରୀଛାତ୍ରମାନେ ଭାରାକ୍ରାନ୍ତ ହେଇଯିବାର ସମ୍ଭାବନା ରହିଛି। ଅନେକ ସମୟରେ ଚାପ ସେମାନଙ୍କୁ ବାଟବଣା ବି କରିଥାଏ। ଭବିଷ୍ୟତରେ ସେମାନେ ସୁନାଗରିକ ହେବା ପରିବର୍ତ୍ତେ ବିଭିନ୍ନ ଅସାମାଜିକ କାର୍ଯ୍ୟରେ ଲିପ୍ତ କରାଏ। ଏସବୁ ଦୃଷ୍ଟିରୁ ବିଚାରକଲେ ମାତାପିତା ଏବଂ ଶିକ୍ଷକ ଆବଶ୍ୟକତାଠାରୁ ଅଧିକ ଚାପ ଛାତ୍ରୀଛାତ୍ରଙ୍କ ଉପରେ ଲଦିବା ଆଦୌ ଗ୍ରହଣୀୟ ନୁହେଁ।

**ପିଲାଙ୍କୁ ପ୍ରଥମେ ବୁଝିବା ଦରକାର**

*–ଲୋପାମୁଦ୍ରା ପରିଡ଼ା, ଅଭିଭାବକ, ବାଙ୍ଗାଲୋର*

ଆମେ ଯାହା ହବାକୁ ଇଚ୍ଛା କରିଥିଲେ ଯଦି କୌଣସି କାରଣବଶତଃ ସେଇଟି ନ ହୋଇଛି, ତା'ର ଅର୍ଥ କଦାପି ନୁହେଁ ଯେ ଆମର ସନ୍ତାନଟିକୁ ବାଧ୍ୟ କରିବା ସେୟା ହେବା ପାଇଁ। ସମସ୍ତେ ସ୍ୱତନ୍ତ୍ର, ସମସ୍ତଙ୍କର ପସନ୍ଦ, ନାପସନ୍ଦ ରହିଛି । ଆଜିକାଲି ଦେଖିବାକୁ ମିଳେ, ପିଲାଙ୍କ ସଫଳତାକୁ ନେଇ ଏକ ଅଲିଖିତ ପ୍ରତିଯୋଗିତା ବଢ଼ି ଚାଲିଛି। ଅଧିକାଂଶ ଚାହୁଁଛନ୍ତି,ମୋ ପିଲାଟି ସର୍ବ ଗୁଣସମ୍ପନ୍ନ ହେଉ। ଭଲ ନାଚୁ, ଗାଉ, ଆଙ୍କୁ, ଅନେଶତ ଦଶମିକ ନଅ ପରେ ଯେଉଁ ପ୍ରତିଶତ ତାହା ରଖୁ । କିନ୍ତୁ ପ୍ରକୃତରେ ଗୋଟିଏ ପିଲା ପକ୍ଷେ ଏସବୁ ସମ୍ଭବ କି? ସେଇକଥା ଆମେ କେବେ ଭାବୁ ନାହୁଁ। ଆମକୁ ଏତିକି ଦେଖିବାକୁ ହେବ ଯେ ଆମର ଶିଶୁଟିର କେଉଁ ଦିଗଟି ସମୃଦ୍ଧ । ଆଜିକାଲି ତ ଅନେକ ପ୍ରକାରରେ ବାଟ ଖୋଲିଛି ନିଜକୁ ନିଜ ରୁଚି ଅନୁଯାୟୀ ପ୍ରତିଷ୍ଠିତ କରିବାକୁ। ତେଣୁ ଅଭିଭାବକମାନେ ସେ ଉପରେ ଗୁରୁତ୍ୱ ଦେବା ଦରକାର।

**ଛୁଆ ପ୍ରଥମ ପ୍ରତିଯୋଗିତା ତା' ସାଙ୍ଗ ସହ କରେ**

*–ଦେବ ରଞ୍ଜନ, ବୃତ୍ତ ଚିତ୍ର ନିର୍ମାତା, ମାନବାଧିକାର କର୍ମୀ*

ଗୋଟେ ସମୟରେ ରେଳ ଷ୍ଟେଶନରେ ମିଳୁଥିବା ପୁସ୍ତକ 'How to success in life' ସର୍ବାଧିକ ବିକ୍ରି ପୁସ୍ତକ ଥିଲା। ମାତାପିତାଙ୍କ ନଜର ସବୁଠାରୁ ଆଗରେ ପଡ଼ିଥିବ ସେଇଠି ଯଦିଓ ପିଲାଟି କିଛି କୌତୁକ ପୁସ୍ତକ ଖୋଜୁଥିବ ସେତିକିବେଳକୁ। ନିଜର ସମସ୍ତ ଅଧୁରା ସ୍ୱପ୍ନକୁ ସେମାନେ ପିଲାଙ୍କ ଉପରେ ଲଦି ଦେଉଥିଲେ। ଆଉ କହୁଥିଲେ ତତେ ଆଗକୁ ଏମିତି ପଢ଼ିବାର ଅଛି, ଏଇୟା କରିବାର ଅଛି। ଆଉ ସବୁବେଳେ ଅନ୍ୟ ସାଙ୍ଗସାଥୀଙ୍କ ସହ ତୁଳନା କରନ୍ତି। ଛୁଆ ତେଣୁ ପ୍ରଥମ ପ୍ରତିଯୋଗିତା ନିଜର ସାଙ୍ଗ ସହିତ କରେ। ଆସ୍ତେ ଆସ୍ତେ ତା ଭିତରେ ମାନସିକ ଅବସାଦ ବି ବଢ଼େ। ଡାକ୍ତର କହୁଛନ୍ତି ' ୯୦% ପିଲାଙ୍କ ଭିତରେ ଅବସାଦ ବେମାରି ରହିଛି। ' ଏହାର କୌଣସି ସହଜ ସମାଧାନ ନାହିଁ। ଯାହା ଏବେ ସମସ୍ତଙ୍କ ପାଇଁ ଚିନ୍ତାର ବିଷୟ।

**ଶିଶୁ ପାଇଁ ଏକ ଶୃଙ୍ଖଳିତ ସ୍ୱାଧୀନତାର ଆବଶ୍ୟକତା ରହିଛି**

*– ଡା. ଗୌରୀଶଙ୍କର ପଣ୍ଡା,ସମ୍ପାଦକ, ସ୍ୱାସ୍ଥ୍ୟସ୍ୱର, ସୋନପୁର*

ଅନେକସ୍ଥଳରେ ଅଭିଭାବକ ଓ ଶିକ୍ଷକଙ୍କ ଆଦର୍ଶ ଏବଂ ଉଚ୍ଚାକାଂକ୍ଷା ମଧ୍ୟରେ ଶିଶୁର ସ୍ୱାଧୀନତା ପ୍ରଭାବିତ ହୋଇଥାଏ। ନିଜର ସ୍ୱପ୍ନ ତଥା ଇଚ୍ଛାକୁ ଜବରଦସ୍ତି ଶିଶୁ ଉପରେ ଲଦି ଦିଆଯାଏ, ଯଦ୍ଦ୍ୱାରା ଶିଶୁ ଗଭୀର ଚାପଗ୍ରସ୍ତ ରହେ ଏବଂ ତା'ର ବୌଦ୍ଧିକ ବିକାଶ ବାଧାପ୍ରାପ୍ତ ହୁଏ । ଶିଶୁମାନେ ଖୁବ୍ ସମ୍ବେଦନଶୀଳ। ତେଣୁ ଶିଶୁ ମନସ୍ତତ୍ତ୍ୱକୁ ଠିକ୍ ଭାବେ ବୁଝିବାକୁ ପଡ଼ିବ। ଅପରପକ୍ଷେ, କୋମଳମତି ଶିଶୁକୁ ଅତ୍ୟଧିକ ସ୍ୱାଧୀନତା ଦେଲେ ସେ ବିଶୃଙ୍ଖଳିତ ବା ସ୍ୱେଚ୍ଛାଚାରୀ ହୋଇଯିବାର ମଧ୍ୟ ଆଶଙ୍କା ରହିଛି। ଶିଶୁ ପାଇଁ ଏକ ଶୃଙ୍ଖଳିତ ସ୍ୱାଧିନତାର ଆବଶ୍ୟକତା ପାଇଁ ଉପଯୁକ୍ତ ଶିକ୍ଷା ଓ ସଂସ୍କାର ଦରକାର। ଶୃଙ୍ଖଳିତ ସ୍ୱାଧୀନତା ପାଇଥିବା ଶିଶୁ ପରବର୍ତ୍ତୀ ସମୟରେ ଦାୟିତ୍ୱବାନ ହୋଇଥାଏ।

**ସ୍ୱାଧୀନତା ଗୋଟିଏ ଅସମ୍ଭବ ଶବ୍ଦ ଆମ ଭଳି ପିଲାଙ୍କ ପାଇଁ**

*–ସ୍ୱୟଂଶ୍ରୀ, ଛାତ୍ରୀ, କେନ୍ଦ୍ରୀୟ ବିଦ୍ୟାଳୟ, ପୋଖରୀପୁଟ*

ଆମ ଉପରେ ସବୁବେଳେ ଗାଳି ହୁଏ ଯେ, ଆମେ ବଡ଼ମାନଙ୍କ ମୁହଁରେ ଜବାବ ଦେଇ ତାଙ୍କର ଅସମ୍ମାନ କରୁ। ପ୍ରକୃତରେ ନିଜ ନିଜ ମତାମତ ଦେବାକୁ ମାଆବାପା ଏବଂ ଗୁରୁଜନମାନେ ଭାବନ୍ତି ମୁହେଁ ମୁହେଁ ଜବାବ ଦେଉଛୁ। ଆମର ନିର୍ଦ୍ଦିଷ୍ଟ ସ୍ୱପ୍ନ ଅଛି। ଆମେ ଭବିଷ୍ୟତରେ କ'ଣ ହେବୁ ସେ କଥା ଯଦି ଅଭିଭାବକ ସ୍ଥିର କରିବେ ତେବେ ସେ ସ୍ୱପ୍ନର କ'ଣ ହେବ ? ମୋର ଯାହା କରିବାର ଅଛି ତାହା ତ ମୁଁ କରିପାରିବି ନାହିଁ। ମୋ ଭଳି ଅନେକ ପିଲା ଥିବେ। ଆମ ଅଭିଭାବକଙ୍କ ପାଇଁ ପିଲାଙ୍କ ଖୁସି ଅପେକ୍ଷା ଅନ୍ୟମାନଙ୍କ କଥା ଗୁରୁତ୍ୱପୂର୍ଣ୍ଣ ହୋଇପଡ଼େ। ଆମ ଦ୍ୱାରା କୌଣସି କାମ କରିବାର ଥିଲେ ଆମେ ବଡ଼ ପିଲା, ଆଉ କୌଣସି କଥାରେ ମତାମତ ଦେଲା ବେଳକୁ କି ଦାବି କଲାବେଳକୁ ଆମେ ଛୋଟ ପିଲା। ତେଣୁ ବଡ଼ମାନେ ପିଲାଙ୍କ କଥା ବୁଝିବା ଉଚିତ।

ଅତ୍ୟନ୍ତ ଶୃଙ୍ଖଳା ଆଉ ଶୃଙ୍ଖଳାହୀନତା ଉଭୟେ ପିଲାଙ୍କ ପାଇଁ କ୍ଷତିକାରକ। ପିଲାଙ୍କ ପାଇଁ ହୁଏତ ମଧ୍ୟମପନ୍ଥା ଜରୁରୀ। ଆମକୁ ଯତ୍ନବାନ ହେବାକୁ ପଡ଼ିବ ଯେପରି ବଗିଚା ସୁରକ୍ଷିତ ରହେ ଏବଂ କଢ଼ଗୁଡ଼ିକ ଠିକ୍ ରୂପେ ଫୁଟିପାରନ୍ତି। ମାତ୍ର ଫୁଲର ସୌରଭ ଏବଂ ସୌନ୍ଦର୍ଯ୍ୟକୁ ଆମେ ଯେପରି ଆମର ସମ୍ପତ୍ତି ବୋଲି ନ ଭାବୁ।

**–ମାନମୟୀ ରଥ**

ସେଣ୍ଟ ଜାଭିୟର୍ସ କିଡ୍ସ, ବାଲିପୁଟ, ପୁରୀ





# ଅନେକରେ ଏକ ବାସୁଦେବ

**ସେ** ଭଲପାଆନ୍ତି ଲୋକକଳାକୁ। ଆଉ ତାରି ଭିତରେ ହିଁ ହଜିଯିବାକୁ ଚାହାନ୍ତି। ସେଥିପାଇଁ ପିଲାଟିଦିନରୁ ତାଙ୍କର ପୁରାଣଗୀତ, ଢଗଢମାଳି ଶୁଣିବାଠାରୁ ଆରମ୍ଭକରି ଗାଁରେ ଆୟୋଜିତ ଗୀତିନାଟ୍ୟରେ ଅଭିନୟ କରିବାରେ ଥିଲା ପ୍ରବଳ ଦୁର୍ବଳତା। ସେଥିପାଇଁ ସେ ଗୀତ ଲେଖିବା, କଣ୍ଠଦାନ ଓ ଅଭିନୟ କରିବା ସହିତ ବିଭିନ୍ନ ସାମାଜିକ କାର୍ଯ୍ୟରେ ଯୋଗଦେବାରେ ଖୁସି ହୁଅନ୍ତି। ଏବେ ସେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗରେ ରାଜ୍ୟ ପ୍ରକଳ୍ପ ସଂଯୋଜକ ଭାବେ କାର୍ଯ୍ୟରତ।

ସେ ହେଲେ ବାସୁଦେବ ମାଳବିଶୋଇ। ସେ କୁହନ୍ତି, ରାୟଗଡ଼ା ଜିଲା ଚନ୍ଦ୍ରପୁର ବ୍ଲକ ଅନ୍ତର୍ଗତ ବଣପାହାଡ଼ଘେରା ଗୁଣ୍ଡୁରିଗୁଡ଼ା ଗାଁରେ ତାଙ୍କର ଜନ୍ମ ୧୯୬୮ମସିହା ଜୁନ୍ ୧୦ରେ। ପିତା ଚାନ୍ଦ ମାଳବିଶୋଇ, ମା ହୀରାମା ମାଳବିଶୋଇ।

**ଶିକ୍ଷା:**ଗାଁ ପ୍ରାଥମିକ ସ୍କୁଲରେ ପଢ଼ା ଆରମ୍ଭକରି ପରେ ଚନ୍ଦ୍ରପୁର ଉଚ୍ଚ ମାଧ୍ୟମିକ ସ୍କୁଲ,ସରକାରୀ ଆବାସିକ ଉଚ୍ଚ ବିଦ୍ୟାଳୟ, କୁଜେନ୍ଦ୍ରିରୁ ୧୯୮୫ରେ ମାଟ୍ରିକ୍ ପାସ୍ କରି ଗୁଣୁପୁର ମହାବିଦ୍ୟାଳୟରେ ଯୁକ୍ତ ୨ ଓ ଯୁକ୍ତ ୩ ପଢ଼ିଥିଲି। ତା'ପରେ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟରେ ଇତିହାସରେ ପି.ଜି. କଲି। ଏହାପରେ କୋରାପୁଟସ୍ଥିତ ଡିଏଭି ବି.ଇଡି କଲେଜରେ ବି.ଇଡି ପଢ଼ିଲି।

**ନିଯୁକ୍ତି:** ବି.ଇଡି ସରିବା ପରେ ମୋତେ ଗାଁଠାରୁ ୨ କି.ମି. ଦୂର ଏକ ପ୍ରାଥମିକ ବିଦ୍ୟାଳୟରେ ଶିକ୍ଷକ ଚାକିରି ମିଳିଥିଲା କିନ୍ତୁ ମୁଁ ସେ ଚାକିରି ନ କରି ଏକ ଘରୋଇ ସେବାସଂସ୍ଥାରେ ଯାଇ କାମ କଲି। ଏଥିରେ ମୁଖ୍ୟତଃ ଆଦିବାସୀ ଅଧ୍ୟୁଷିତ ଅଞ୍ଚଳରେ ବିଭିନ୍ନ ପ୍ରକାର ଉନ୍ନତିମୂଳକ କାମ କରିବାର ଦାୟିତ୍ୱ ନେଲି। ପରେ ଡିଷ୍ଟ୍ରିକ୍ଟ କୋ-ଅର୍ଡିନେଟର୍ ଭାବେ ପୋଷ୍ଟିଂ ହୋଇ ପ୍ରାୟ ୮ଟି ଜିଲାର ଦାୟିତ୍ୱ ବୁଝିବାକୁ ପଡ଼ିଲା। ଏମିତି ପ୍ରାୟ ୬ ବର୍ଷ କାମ କରିବା ପରେ ଭାରତ ସରକାରଙ୍କ ନେହେରୁ ଯୁବ କେନ୍ଦ୍ର ସଂଗଠନରେ ଡିଷ୍ଟ୍ରିକ୍ଟ ପ୍ରୋଜେକ୍ଟ ଅଫିସର୍ ଭାବେ ଫୁଲବାଣୀରେ ଯୋଗଦେଲି। ଏଠାରେ ମାତ୍ର ଅଢ଼େଇ ବର୍ଷ ରହିଲି, ତା'ପରେ ଏହି ଚାକିରି ଛାଡ଼ି ସର୍ବଶିକ୍ଷା ଅଭିଯାନରେ ଡିଷ୍ଟ୍ରିକ୍ଟ ପ୍ରୋଜେକ୍ଟ କୋ-ଅର୍ଡିନେଟର୍ ଭାବେ ରାୟଗଡ଼ାରେ ଯୋଗଦେଲି। ଏଠାରେ ବର୍ଷେ ରହିବା ପରେ ୟୁନିସେଫ୍‌ରେ ଡିଷ୍ଟ୍ରିକ୍ଟ କୋ-ଅର୍ଡିନେଟର୍ ଭାବେ କୋରାପୁଟରେ କାର୍ଯ୍ୟ କରିଲି। ପରେ ଓଡ଼ିଶା ସରକାରଙ୍କ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗରେ ରାଜ୍ୟ ସୂଚନା, ଶିକ୍ଷା ଓ ଯୋଗାଯୋଗ ଅଧିକାରୀ ଭାବେ କାର୍ଯ୍ୟ ତୁଲାଉଛି। ଏବେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗରେ ରାଜ୍ୟ ପ୍ରକଳ୍ପ ସଂଯୋଜକ ଭାବେ ନିଯୁକ୍ତି ପାଇ ଓଡ଼ିଶାର ପାରମ୍ପରିକ ଲୋକକଳାର ସୁରକ୍ଷା ଓ ପ୍ରସାର ଦିଗରେ କାର୍ଯ୍ୟ କରୁଛି। ଅନ୍ୟପକ୍ଷେ ଏହି ଚାକିରି କାଳ ଭିତରେ ଏଜୁକେଶନ ଏବଂ ସୋସିଆଲ ୱାର୍କରେ ବି ପିଜି କରିସାରିଛି।

**କଳା:**ଗାଁରେ ବିଭିନ୍ନ ପର୍ବପର୍ବାଣି ବେଳେ ଆୟୋଜିତ ସାଂସ୍କୃତିକ କାର୍ଯ୍ୟରେ ଅଭିନୟ କରିବାରେ ଥିଲା ପ୍ରବଳ ଦୁର୍ବଳତା। ମୋତେ ସେତେବେଳେ ପ୍ରାୟ ସାତବର୍ଷ ହୋଇଥିଲା, ପ୍ରଥମେ କର୍ଣ୍ଣବଧ ଗୀତିନାଟ୍ୟରେ କର୍ଣ୍ଣଙ୍କ ପୁତ୍ର ବୃଷକେତୁ ଚରିତ୍ରରେ ଅଭିନୟକରି ଖୁବ୍ ଖୁସି ହୋଇପଡ଼ିଥିଲି। ମଞ୍ଚ ନାଟକ ଜୀବନ୍ତ ମୂର୍ତ୍ତି, ଯୁଗଧର୍ମ, ଅକ୍ଟୋପସ,ବିନାଶ୍ରେ ନବର୍ତ୍ତନ୍ତି, ବିର୍ସା ମୁଣ୍ଡା, ପ୍ରଭାସଯଜ୍ଞରେ ଅଭିନୟ କରିଛି। ସେହିପରି ଦୂରଦର୍ଶନରେ ପ୍ରସାରିତ କିଏ, କଳିକା ଓ କସ୍ତୁରୀ ନାମକ ଆଦି ଧାରାବାହିକରେ ଅଭିନୟ କରିଛି। ଏହାବାଦ୍ ଗୀତ ଲେଖିବା ଓ ଗାଇବାକୁ ବହୁତ ଭଲ ପାଏ। ଦୁଇଟି ଭଜନ ସିଡୀ 'ଝୁରେ ଯମୁନା'ରେ ୫ଟି ଗୀତ ମୁଁ ଲେଖିଛି , 'ଝୁମୁରୁ ଝାଇଁ'ରେ ୮ଟି ଯାକ ଗୀତ ଲେଖିବା ସହିତ କଣ୍ଠଦାନ କରିଛି।

**ପୁରସ୍କାର ଓ ସମ୍ମାନ:**ଏସବୁବ୍ୟତୀତ ରୋଟାରୀ ଇଣ୍ଟରନ୍ୟାଶନାଲ୍‌ର ଦୁଇବର୍ଷ ସେକ୍ରେଟାରି ଥିଲି। ସ୍କାଉଟ୍ ଆଣ୍ଡ ଗାଇଡ୍‌ର ଦୁଇବର୍ଷ କୋରାପୁଟ ଜିଲା ସଭାପତି ଥିଲି। ଓଡିଶାରେ ଲୋକକଳାର ପ୍ରଚାର ଓ ସୁରକ୍ଷା ଦିଗରେ ସହଯୋଗ କରୁଥିବାରୁ ମୁଖ୍ୟମନ୍ତ୍ରୀଙ୍କ ତରଫରୁ ସମ୍ମାନିତ ହୋଇଛି। ଆଦିବାସୀ ଅଧ୍ୟୁଷିତ ଅଞ୍ଚଳରେ ବିଭିନ୍ନ ପ୍ରକାର ଉନ୍ନତିମୂଳକ କାର୍ଯ୍ୟ କରିବାରେ ସହଯୋଗ କରିଥିବାରୁ ଦୁଇଥର ରାଜ୍ୟପାଳଙ୍କଠାରୁ ପୁରସ୍କାର ମିଳିଛି। କଇଁରୀସମ୍ମାନ, ଶ୍ରୀକ୍ଷେତ୍ରସମ୍ମାନ, ସବୁଜସମ୍ମାନ, ଗାଁ ଲୋକକଳା ଉତ୍ସବ ଓ ପ୍ରତିଭା ସମ୍ମାନ-୨୦୧୯ , ରୋଟାରୀ ସମ୍ମାନ ଆଦି ଏକାଧିକ ସମ୍ମାନ ମିଳିଛି।

**ସେବା:**ସେହିପରି ବୃକ୍ଷରୋପଣ ପାଇଁ ପ୍ରକୃତିବନ୍ଧୁ ଓ ଏକ ଅନୁଷ୍ଠାନ ପାଇଁ ପ୍ରକୃତିମିତ୍ର ପୁରସ୍କାର ମିଳିଛି। ବଳକା ସମୟରେ ବିଭିନ୍ନ ସାମାଜିକ ସେବା କରିବା ସହିତ କଳାକ୍ଷେତ୍ର ନାଁରେ ଏକ ଅନୁଷ୍ଠାନ ଗଢ଼ି କଳା ଓ ସଂସ୍କୃତି ପାଇଁ ସମୟ ଦେଇ ଆନନ୍ଦ ପାଇଥାଏ।

**-ବନବିହାରୀ ବେହେରା**













# ନିର୍ଦ୍ଧନର ଧନ

**–ଓଁ ଅଭିଜ୍ଞାନ ସାହୁ**

ଏମିତିରେ ତ ମୋର ସବୁଦିନ କିଛି ନା କିଛି ଘର ଦାୟିତ୍ୱ ଥାଏ। କିନ୍ତୁ ରବିବାର କି ଛୁଟିଦିନଗୁଡ଼ିକରେ ଟିକେ ବେଶି ଦାୟିତ୍ୱ ଥାଏ। ''ଧନ ଗାଡ଼ି ଚାବି ଆଣିଲୁ। ଧନ ପାଣି ଗିଲାସେ ଆଣିଲୁ। ଧନ କିଏ ବେଲ୍ ମାରିଲେ କବାଟ ଖୋଲିଲୁ । ଧନ ଜେଜେଙ୍କୁ ଡାକିଲୁ।'' ଯେମିତି ଘରର ସବୁ ଦାୟିତ୍ୱ ଏକା ମୋ ଉପରେ। ସବୁ କାମ ମୁଁ କରିବି । ଜେଜେ ମା'ର ଗୋଡ଼ ଅପରେଶନ ପରେ ମୋ କାମଟା ଆଉ ଟିକେ ଅଧିକ ବଢ଼ିଯାଇଛି। ଜେଜେମା'ଙ୍କୁ ଔଷଧ ଡବା ଦେବି। ପାଣି ଆଣିକି ଦେବି । ଟିଭି ଲଗେଇଦେବି। ରିମୋଟ ଖୋଜିକି ଦେବି ସବୁ ଥିରେ ଖାଲି ଧନ ଆଉ ଧନ। ଜେଜେଙ୍କ ଚଷମା ହଜିଲେ, ଧନ। ମୁଁ ଖୋଜିବି । ମୋବାଇଲ କୋଉଠି ଛାଡିଲେ , ଧନ । ମୁଁ ଯାଇଁ ଆଣିବି । କିଏ ଆସିଲେ, ଧନ। ମୁଁ ଯାଇ କବାଟ ଖୋଲିବି । ଏମିତି କେତେ କ'ଣ କାମ। ମୋତେ ଦେଖିଲେ କାମ କଥା ସମସ୍ତଙ୍କ ମନେପଡ଼େ। ସମସ୍ତଙ୍କ ପାଇଁ ଏତେ କାମ କରିକି ବି ଘରେ ମୁଁ ବଦନାମ ହୁଏ। ଖେଳଣା ଭାଙ୍ଗିଲା କିଏ ନା– ଧନ। ଦୋଳି କିଏ ଭାଙ୍ଗିଲା ନା ଧନ। କାନ୍ଥ ରେ କିଏ ଗାରେଇଲା ନା ଧନ। କପ କିଏ ଭାଙ୍ଗିଲା ନା ଧନ। କାଗଜ କିଏ ଜଳେଇଲା ନା ଧନ। ଆରେ ଏସବୁ କରିବିନି ତ ବଡ଼ କେମିତି ହେବି! ଖେଳଣା ଭାଙ୍ଗିଲେ ତ ଦେଖିବି ନା ତା ଭିତରେ କି ଯନ୍ତ୍ର ଲାଗିଛି । କାନ୍ଥରେ ଚିତ୍ର କରିଲେ ସିନା ସମସ୍ତେ ଦେଖିବେ ମୁଁ କେତେ ସୁନ୍ଦର ଚିତ୍ର ଆଙ୍କି ପାରେ! ସାଇକେଲ ଭାଙ୍ଗିଲେ ସିନା ଜଣାପଡ଼ିବ ମୁଁ ସାଇକେଲ ଚଲେଇବା ଜାଣିଛି । ସେ କଥା କ'ଣ କିଏ ବୁଝନ୍ତି! ଘରର ସବୁ କାମ କରିବି ମୁଁ । ସମସ୍ତଙ୍କ ବୋଲହାକ କରିବି ମୁଁ ଆଉ ସବୁ ବଦନାମ ବି ମୁଣ୍ଡେଇବି ମୁଁ !

ବାବା ମୋତେ କେବେ ବିଗିଡନ୍ତି ନାହିଁ । କହନ୍ତି ମୁଁ କାଳେ ବହୁତ କ୍ରିଏଟିଭ। ମୁଁ ଭଲ ପାଠ ପଢ଼େନି ବୋଲି ଥରେ ମୋ ସ୍କୁଲ ମିସ୍ ପିଟିଏମରେ ସମସ୍ତଙ୍କ ସାମ୍ନାରେ କହିଦେଲେ, ମୁଁ ଭଲ ପିଲା ନୁହେଁ । ସେଦିନ ବାବାଙ୍କର ମିସଙ୍କ ସହ ଯୁକ୍ତିତର୍କ ହେଲା । ବାବା କହିଲେ,ବହି ପାଠଟା କାଳେ ନଅ ଆଉ ଦଶ ନମ୍ବରରେ ଆସେ। ଏକରୁ ଆଠ ଭିତରେ ଉତ୍ତମ ବ୍ୟବହାର, ଘରର ବୟସ୍କମାନଙ୍କ ପ୍ରତି ଥିବା ସମ୍ବେଦନଶୀଳତା, ଘରକୁ ଆସୁଥିବା ଅତିଥିମାନଙ୍କୁ ସମ୍ମାନ ଦେବା, ସାଙ୍ଗମାନଙ୍କ ସହ ବାଣ୍ଟି ଖାଇବା, ଖେଳିବା, ଘରକାମରେ ବୟସ୍କଙ୍କୁ ସାହାଯ୍ୟ କରିବା, ପରିବେଶ ପ୍ରତି ସଚେତନ ଓ ଜୀବେ ଦୟା ଇତ୍ୟାଦି ସବୁ ଆସେ, ଯାହା ପିଲା ଶିଖିବା ଉଚିତ। ସେସବୁ ମୋ' ପାଖରେ ଭରପୂର ହୋଇ ରହିଛି ବୋଲି ଦୃଢ଼ ହୋଇ କହିଲେ ବାବା। କଥା ଏତେ ବିଗିଡ଼ିଗଲା ଯେ ପ୍ରିନ୍ସିପାଲ ବି ତୁଟେଇ ପାରିଲେନି କଳି। ଶେଷରେ ମୋର ସ୍କୁଲ ବଦଳେଇ ଦିଆଗଲା। ଭାବୁଥିଲି ମୋ ଯୋଗୁ ବାବାଙ୍କର ଅଯଥା ଖର୍ଚ୍ଚ ହେଲା। ବାବା ମନ ଖରାପ କରିବେ କିନ୍ତୁ ବାବା ମୋତେ କହିଲେ ''ତୁ ଗୋଟେ ଭଲ ପିଲା ହୋଇ ଗଢ଼ିହୁଅ। ଯେମିତି ତୋତେ ସମସ୍ତେ ଭଲ କହିବେ, ଭଲ ପାଇବେ, ସମ୍ମାନ କରିବେ। ସେ ଭଲ 'ବହି ପାଠୁଆ'ରୁ କ'ଣ ମିଳିବ ଯଦି କେହି ଭଲ ପାଉ ନ ଥିବେ। ପରୀକ୍ଷାରେ ଭଲ ନମ୍ବର ରଖିବା ଏତେ ଜରୁରୀ ନୁହେଁ ଯେତିକି ଜରୁରୀ ତୋର ଭଲ ମଣିଷ ହେବା। ''

ପୂର୍ବ ପରୀକ୍ଷା ଭଳି ଏଥର ବି ମୋର ଷାଣ୍ମାସିକ ପରୀକ୍ଷାରେ ଭଲ ହେଲାନି। ମୋ ଆଗରେ ବାବାଙ୍କ ଜଣେ ସାଙ୍ଗ କହିଲେ,''ସବୁ କାମ ଛାଡ଼ି ପିଲାଙ୍କ ପଛରେ ଲାଗିଯା। ଭଲ ଟ୍ୟୁଶନ ଦେ । ଏମାନଙ୍କ ଖେଳକୁଦ, ବାହାରକୁ ବାହାରିବା ସବୁ ବନ୍ଦ କରିଦେ। ସେ ଖେଳକୁଦରୁ କ'ଣ ମିଳିବ ? ବେଶି ନମ୍ବର ରଖିଲେ ସିନା ଭଲ ଚାକିରି ମିଳିବ।'' ମୁଁ ବାବାଙ୍କ ମୁହଁକୁ ଚାହିଁଲି। ବାବା ସେମିତି ନୀରବରେ ସବୁ ଶୁଣୁଥିଲେ। ମୁଁ ଜାଣିଛି ବାବା ମୋତେ ଭଲ ଚାକିରି କରିବା ଅପେକ୍ଷା ଅଧିକ ଲୋକଙ୍କୁ ଚାକିରି ଦେଲାଭଳି ସକ୍ଷମ କରିବାକୁ ଚାହାନ୍ତି। ବାବାଙ୍କ ନୀରବତା କିନ୍ତୁ ମୋତେ ଖୁବ୍ ବାଧିଲା। ମୋ ପାଇଁ ଆଜି ବାବାଙ୍କୁ ସମସ୍ତେ ବେପରୱା ବୋଲି କହିବାକୁ ସୁଯୋଗ ପାଇଲେ। ପଚାରିଲି , ''ବାବା ମୋ ଯୋଗୁ ତୁମେ ଏତେ କଥା ଶୁଣୁଛ ! ମୋ ଉପରେ ରାଗ ଲାଗୁଛି ନା ? ''ବାବା ତାଙ୍କର ସେହି ସୁନ୍ଦର ହସ ହସି କହିଲେ,'' ନାହିଁରେ ଧନ ଯେଉଁଦିନ ତୋ ଭିତରେ ଥିବା ଏହି ଧନପଣଟି ହରେଇଦେବୁ ସେହିଦିନ ମୁଁ ତୋ ଉପରେ ରାଗିବି। ତୁ ଯେମିତି ଅଛୁ ସେମିତି ରହ – ଏକଦମ ତୋ ଭଳି।''

ଧନର ନାଁକୁ ନେଇ ନୁହେଁ ବାବାଙ୍କ ମନର ଧନ ହେବାକୁ ମୁଁ ନିଜକୁ ପ୍ରସ୍ତୁତ କରୁଛି।

*–ବନମାଳୀ ଭବନ, ଖାନ ନଗର, କଟକ*
*ମୋ– ୯୪୩୭୦୧୦୭୫୮*

## ଋଣ

କେବେଠାରୁ ଏତେ ଋଣୀ ଥିଲି ?
ସବୁ ଋଣ ଶୁଝୁ ଶୁଝୁ
ସତେ କ'ଣ ଅଣ୍ଟିଲାନି
ଶହ ଶହ ଦିବସ ଶର୍ବରୀ ?

ସମଗ୍ର ଆୟୁଷ ସିନା
କଟିଗଲା ଭାବିଭାବି
ପାଇବାର ବିମୁଗ୍ଧ ଆଶାରେ
ସମଗ୍ର ଜୀବନ ଯାହା
ସରିଗଲା ନିର୍ବାଣର
ଅପୂର୍ବ ନିଶାରେ।

ମହାର୍ଘ ହୃଦୟ ତୁମ
କ'ଣ ବା ଅର୍ପଣ କଲା
ସମର୍ପିତ ଆତ୍ମା ମୋର
କ'ଣ ବା ଗ୍ରହଣ କଲା–
ଘୁଞ୍ଚି ଘଞ୍ଚି ଯାଉଥିଲା–
ଏ ଜନ୍ମର ସନ୍ଦିଗ୍ଧ ସରଣି।
ଲମ୍ବିଗଲା ଏ ଜନ୍ମରୁ
ସେ ଜନ୍ମ ପର୍ଯ୍ୟନ୍ତ
ଅଦ୍ଭୁତ ଏ
ଋଣର ବିପଣୀ !

**–ଡା. ସରୋଜିନୀ ଷଡ଼ଙ୍ଗୀ**
ସ୍ତ୍ରୀରୋଗ ଓ ପ୍ରସୂତି ବିଶେଷଜ୍ଞ
ଲିଙ୍କରୋଡ୍, କଟକ
ମୋ– ୯୪୩୭୦୫୫୦୦୭

## ଡ୍ରଇଂ ଖାତା

ଝିଅର ଡ୍ରଇଂଖାତା ଚିତ୍ରରେ
ଦୁଇ ତିନିଟା ଅଙ୍କା ବଙ୍କା ଜଙ୍ଗଲୀ ଝରଣା
ଗଡି ଆସିଛି
ପାହାଡ଼ ଉପରୁ।
ସମୟ ସୂର୍ଯ୍ୟୋଦୟ କି ସୂର୍ଯ୍ୟାସ୍ତ ବାରି
ହେଉନି
ସ୍ଥିର ସୂର୍ଯ୍ୟର କାକୁସ୍ଥ ଚାହାଣିରୁ
ପକ୍ଷୀଙ୍କ ଖାଦ୍ୟ ଅନ୍ୱେଷଣ ଏଇ
ଜଙ୍ଗଲଘେରା ଇଲାକା ଭିତରେ କେଉଁଠି
ବନ୍ଦୀ।


ଏଠି ଖାଲି ଆକାଶ ତଳେ ଯିଏ ଠିଆ
ହୋଇଛି
ସେ ଜଣକ ମୁଁ
କେଉଁ ଗୋଟେ ସକାଳ କାର୍ଟୁନଶୋ'ର
ଚରିତ୍ର।

ଆଖପାଖରେ କେହି କେହି ଧାନ ବିଲରେ
କାର୍ଯ୍ୟବ୍ୟସ୍ତ।
ଝରଣାରେ ଦୁଇଟା କାଗଜଡଙ୍ଗା
ବିପରୀତ ଦିଗରେ ବୋହି ଯାଉଛନ୍ତି
ଯେମିତି ଜୀବନ,
ଆମ ଦୈନନ୍ଦିନ ଜୀବନକୁ କ'ଣ ଏମିତି
ଚିହ୍ନେ କି ଝିଅ !

ଜଙ୍ଗଲୀ ସୁଅ ପାର ବେଳେ କେହି ନ
ଥିଲେ,
କେହି ନ ଥିଲେ କହିବାକୁ ଯେ କାଗଜଡଙ୍ଗା
ବୋହି ପାରେନା ଜୀବନ।

ହେ ଚିତ୍ର ଖାତାର ଚରିତ୍ର ମାନେ
କେବେ ବୁଝିବେ ଯେ, କେଡେ ଅସହାୟ
ସେମାନେ
କୁନି ଚିତ୍ରକରର କଳ୍ପନା ସୀମାରେ !

**–ଡ. ସୁରେଶ ନାୟକ**
ମୁଥୀଆଲପେଟ, ପୁଦୁଚେରୀ
ମୋ: ୯୦୪୩୦୮୭୪୫୬



# ଆସୁଛି ରାଉଡି ରାଜା

ରାଉଡି ରାଜାକୁ ନେଇ ଏବେ ଓଲିଉଡ୍‌ରେ ଚର୍ଚ୍ଚା। କାରଣ ଏଥର ଫୁଲ୍ ଆକ୍ସନ ଗେଟଅପରେ ଆସୁଛନ୍ତି ନବାଗତ ସୋହମ ସିଂ। ନିଜର ଏପରି ନୂଆ ଅବତାରକୁ ନେଇ ବେଶ୍ ଆଶାବାଦୀ ଅଛନ୍ତି ସେ। ଅର୍ଥାତ୍, ନିର୍ମିତ ହେବାକୁ ଯାଉଥିବା ନୂଆ ଓଡ଼ିଆ ସିନେମା 'ରାଉଡି ରାଜା'ର ଟାଇଟଲ ଭୂମିକାରେ ସୋହମ ଅଭିନୟ କରିବେ। ଏ ସମ୍ପର୍କରେ ସେ କହନ୍ତି, 'ଏହି ଫିଲ୍ମର କାହାଣୀ ଏବଂ ମୋ ଭୂମିକା ବିଷୟରେ ଜାଣିବା ପରେ ମୋର ଖୁସି ବନ୍ଧବାଡ ମାନି ନ ଥିଲା। କାରଣ ଏହି ଫିଲ୍ମ ପୂର୍ବରୁ ମୁଁ ରୋମାଣ୍ଟିକ୍ ଭୂମିକାରେ ଦର୍ଶକଙ୍କ ସାମନାକୁ ଆସିଥିଲି। ହେଲେ ଏହି ନୂଆ ସିନେମାରେ ମୋର ଭୂମିକାରେ ଯେଉଁ ମସଲା ଅଛି ତାହା ଦର୍ଶକଙ୍କୁ ଶତ ପ୍ରତିଶତ ମନୋରଞ୍ଜନ ଯୋଗାଇବ ବୋଲି ମୁଁ ଆଶା ରଖୁଛି।' ଜେ.ଏନ.ଏସ. ଏଣ୍ଟରଟେନମେଣ୍ଟ ବ୍ୟାନର ଏବଂ ରେ' ମିଡିଆ କମ୍ୟୁନିକେଶନର ସହଯୋଗିତାରେ ଉକ୍ତ ସିନେମାର ପ୍ରଯୋଜନା କରୁଛନ୍ତି ନବାଗତ ପ୍ରଯୋଜକ ବିଦ୍ୟକାମ ଜିତୁନ୍ ମହାନ୍ତି। ଚିତ୍ରର କାହାଣୀ ରଚନା କରିଛନ୍ତି ଜମେଶ ଶୁକ୍ଲା। ଗୀତଗୁଡ଼ିକୁ ସ୍ୱର ଦେଉଛନ୍ତି ଆଗଧାଡିର ସ୍ୱର ସଂଯୋଜକ ବୈଦ୍ୟନାଥ ଦାଶ। ଏହି ଫିଲ୍ମରେ ସୋହମଙ୍କ ଅପୋଜିଟ୍‌ରେ କିଏ ନାୟିକା ସାଜିବ ତାହା ଖୋଜା ଚାଲିଛି। ଓଡ଼ିଆ ଚଳଚ୍ଚିତ୍ର 'ଅଜାତଶତ୍ରୁ'ରୁ ସୋହମଙ୍କ ବଡ ପରଦା କ୍ୟାରିୟର ଆରମ୍ଭ ହୋଇଥିଲା। ଏବେ ତାଙ୍କ ଅଭିନୀତ 'ଲଭ୍ ୟୁ ପ୍ରିୟା' ରିଲିଜ ଅପେକ୍ଷାରେ ରହିଛି। ତେବେ 'ରାଉଡି ରାଜା' ସୋହମଙ୍କ କ୍ୟାରିୟରକୁ କେତେ ମାଇଲେଜ ଦେଉଛି ତାହା ଫିଲ୍ମଟି ପରଦା ଉପରକୁ ଆସିଲେ ହିଁ ଜଣାପଡିବ।


ସୋହମ

# ଦିନ ଗଣୁଛନ୍ତି କ୍ୟାଟ୍ରିନା

କ୍ୟାଟ୍ରିନା ଏବେ ଦିନ ଗଣୁଛନ୍ତି। କାହିଁକି ଜାଣନ୍ତି ? ଖୁବ୍ ଶୀଘ୍ର ସେ ଅଭିନୟ କରିବାକୁ ଯାଉଥିବା ନୂଆ ସିନେମା 'ଫୋନ୍ ଭୂତ'ର ଶୁଟିଂ ଆରମ୍ଭ ହେବାକୁ ଯାଉଛି। ଇଂଲଣ୍ଡରୁ ଫେରିବା ପରେ ସେ ଏବେ ବମ୍ବେରେ ପରିବାର ସହ ସମୟ କଟାଉଛନ୍ତି। ସେପଟେ ନିଜ ନୂଆ ଫିଲ୍ମର ଶୁଟିଂ କେବେ ଆରମ୍ଭ ହେବ ସେନେଇ ଦିନ ଗଣିବା ଆରମ୍ଭ କରିଦେଲେଣି। ପ୍ରଯୋଜନା ସଂସ୍ଥା ପକ୍ଷରୁ ସୂଚନା ଦିଆଯାଇଛି ଯେ, ଏହି ହରର୍ କମେଡି ଫିଲ୍ମର ଶୁଟିଂ ଗୋଆରେ ହେବ ଏବଂ ତାହା ଚଳିତ ମାସ ଶେଷ ସପ୍ତାହରେ ହିଁ ଆରମ୍ଭ ହେବ। କାରଣ ଏହାର ନିର୍ଦ୍ଦେଶକ ସକୁନ୍ ବାତ୍ରା ଏବେ ଗୋଆରେ ଡେରା ପକାଇଛନ୍ତି। କାରଣ ତାଙ୍କ ନିର୍ଦ୍ଦେଶନାରେ ଏକ ଅନ୍‌ଟାଇଟଲ୍‌ଡ ଫିଲ୍ମର ୧୦ଦିନିଆ ଶୁଟିଂ ସେଠାରେ ଚାଲିଛି। ଏହା ଶେଷ ହେବା ପରେ 'ଫୋନ୍ ଭୂତ'ର ଶୁଟିଂ ଗୋଆରେ ଆରମ୍ଭ ହେବ। ଏଥିରେ କ୍ୟାଟ୍ରିନାଙ୍କ ବ୍ୟତୀତ ଇଶାନ ଖଟ୍ଟର ଓ ସିଦ୍ଧାନ୍ତ ଚତୁର୍ବେଦୀ ମଧ୍ୟ ଅଭିନୟ କରୁଛନ୍ତି। ଏହି ଫିଲ୍ମରେ ନିଜ ଭୂମିକାକୁ ନେଇ ବେଶ୍ ଆଶା ବାନ୍ଧିଛନ୍ତି କ୍ୟାଟ୍ରିନା। ଉକ୍ତ ଚଳଚ୍ଚିତ୍ରଟି ଆସନ୍ତାବର୍ଷ ଜୁନ୍‌ରେ ରିଲିଜ ହେବାର ଯୋଜନା ରହିଛି।


କ୍ୟାଟ୍ରିନା

ଛୋଟ ପରଦା

# ଅନୁତାପ କରୁଛନ୍ତି ରୁପଲ୍

ଥରେ ମନେ ପକାନ୍ତୁ ନା ମେଗା ଧାରାବାହିକ 'ସାଥ୍ ନିଭାନା ସାଥିୟା'ର ଆଙ୍କା କୋକିଲାବେନ୍ ଚରିତ୍ରକୁ। ମା' ଭୂମିକାରେ ଏହି ଅଭିନେତ୍ରୀଙ୍କୁ ଧାରାବାହିକଟି କେତେ ମାଇଲେଜ ଦେଇଛି ତାହା କହିବା ବାହୁଲ୍ୟ। ଏବେ ଏହାର ଦ୍ୱିତୀୟ ଭାଗର ପ୍ରସାରଣ ହେଉଛି। କିନ୍ତୁ ଏହି ସିରିଏଲ୍‌କୁ ନିକଟରେ ଗୁଡବାୟ କହିଛନ୍ତି ରୁପଲ୍। ଏ ବିଷୟରେ ସେ କହନ୍ତି, 'ଏଥିରେ ଆଶ୍ଚର୍ଯ୍ୟ ହେବାର କୌଣସି କଥା ନାହିଁ। କାରଣ ପୂର୍ବରୁ ମୁଁ ଏ ବିଷୟରେ ସୂଚନା ଦେଇସାରିଥିଲି। ଏବେ ମୁଁ ଅଭିନୟ କରୁଥିବା ଆଉ ଏକ ଧାରାବାହିକ 'ୟେ ରିସ୍ତା ହୈ ପ୍ୟାର୍ କା'ର ପ୍ରସାରଣ ଆରମ୍ଭ ହୋଇଯାଇଛି। ଏହି ଧାରାବାହିକ ବ୍ୟତୀତ ଥିଏଟର ନାଟକ ପ୍ରତି ନଜର ଦେବାକୁ ପଡିବ। ନୂଆ ଧାରାବାହିକରେ ମୋତେ ଏକ ଦମ୍‌ଦାର ଭୂମିକା ମିଳିଛି। ମୋର ୨୦ବର୍ଷର ଅଭିନୟ ଜୀବନରୁ ଅନେକ କିଛି ଶିଖିଛି। ଏଣିକି ଦର୍ଶକଙ୍କୁ ନୂଆ ଭୂମିକାରେ ନିଜର ଦକ୍ଷତା ଦେଖାଇବାର ସମୟ ଆସିଛି।'



# ଷ୍ଟଣ୍ଟ ଶିଖୁଛନ୍ତି କ୍ରିତି

କ୍ରିତି ସାନନ୍ ଏବେ ଷ୍ଟଣ୍ଟ ଶିଖିବାରେ ବ୍ୟସ୍ତ ଅଛନ୍ତି। କଥା କ'ଣ କି ନିକଟରେ ତାଙ୍କର ଟାଇଗର ଶ୍ରଫଙ୍କ ସହ ସାକ୍ଷାତ ହୋଇଥିଲା। ସେହି ସମୟରେ ଟାଇଗର ତାଙ୍କ କାନରେ କି ମନ୍ତ୍ର ଫୁଙ୍କିଲେ କେଜାଣି, ତା'ପରେ କ୍ରିତି ଏ ନେଇ ଅଣ୍ଟା ଭିଡିଛନ୍ତି। ଏ ବିଷୟରେ ସେ କହନ୍ତି, 'ମୁଁ ଜାଣିଛି ଷ୍ଟଣ୍ଟ ଶଟ୍ ସହଜ କଥା ନୁହେଁ। ହେଲେ ଏ ନେଇ ମୁଁ ଟାଇଗରଙ୍କ ନିକଟରୁ ଯେତିକି ଟିପ୍ସ ପାଇଛି ତାହା ମୋତେ ବେଶ୍ ପ୍ରେରଣା ଦେଇଛି। ଏପରିକି ଯଦି ଭବିଷ୍ୟତରେ ମୋତେ ଆକ୍ସନ ଭୂମିକାରେ ଅଭିନୟ କରିବାକୁ ଅଫର ମିଳେ ତେବେ ଏହା ମୋତେ ଅନେକ ସାହାଯ୍ୟ କରିବ। ଷ୍ଟଣ୍ଟ ଶଟ୍ ପାଇଁ ମୁଁ ଏବେ ଜଣେ ଆକ୍ସନ ମାଷ୍ଟରଙ୍କ ତତ୍ତ୍ୱାବଧାନରେ ପ୍ରାକ୍ଟିସ ଆରମ୍ଭ କରିଦେଇଛି। ବାକି ରହିଲା ଏପରି ଅଫର ମିଳିବା ବିଷୟରେ। ସେ ନେଇ ଅପେକ୍ଷା କରିବାକୁ ପଡିଲେ ମୁଁ କୁଣ୍ଠାବୋଧ କରିବି ନାହିଁ।' ତେବେ ଷ୍ଟଣ୍ଟ ଶଟ୍‌ରେ ଦର୍ଶକଙ୍କୁ ସେ କେତେ ମତୁଆଲା କରୁଛନ୍ତି ତାହା ଦେଖିବାକୁ ବାକି ରହିଲା।



# ଡେଟ୍ ପାଇଁ ସମସ୍ୟା

ବରୁଣ ଧାଓ୍ୱନଙ୍କ ପାଇଁ ଗୋଟିଏ ଜିନିଷ ଟେନ୍‌ସନ୍‌ର କାରଣ ସାଜିଛି। କାରଣ କୋଭିଡ୍ ଗାଇଡ୍ ଲାଇନ୍ ଅନୁସାରେ ଶୁଟିଂ ଆରମ୍ଭ ହେବା ପରେ ଏବେ ତାଙ୍କ ହାତରେ ଅଫର ପରେ ଅଫର। ହେଲେ ସେ ଏହାକୁ ନେଇ ଯେତିକି ଖୁସି ହେଉଛନ୍ତି ସେହି ଅନୁସାରେ ଟେନ୍‌ସନ୍ ବଢ଼ିଯାଉଛି। କାରଣ ଡେଟ୍ ହିଁ ତାଙ୍କ ପାଇଁ ସମସ୍ୟା ସୃଷ୍ଟି କରିଛି। ଇତିମଧ୍ୟରେ ସେ ତିନୋଟି ସିନେମା ସାଇନ୍ କରିଛନ୍ତି। ହେଲେ କାହାକୁ କେତେବେଳେ ସମୟ ଦେବେ ସେ ନେଇ ଅଡୁଆରେ ପଡିଛନ୍ତି ବରୁଣ। ଏ ସମ୍ପର୍କରେ ବରୁଣ କହନ୍ତି, 'ଏବେ ଡେଟ୍ ମୋ ପାଇଁ ସମସ୍ୟା। ସେପଟେ ପ୍ରଯୋଜକମାନେ ମୋତେ ହାତଛଡା କରିବାକୁ ଚାହୁଁ ନାହାନ୍ତି। ତେଣୁ ମୁଁ ଅଡୁଆରେ ପଡିଯାଇଛି। ଯାହାହେଲେ ବି ଏଗୁଡିକ ପାଇଁ ସମୟ ବାହାର କରିବି। ଅନ୍ୟପକ୍ଷରେ ଏବେ ତିନୋଟି ଫିଲ୍ମ ବ୍ୟାକ୍-ଟୁ-ବ୍ୟାକ୍ ଶୁଟିଂ ଆରମ୍ଭ ହେବ। ସେଗୁଡିକ ହେଲା, ରାଜ୍ ମେହେଟାଙ୍କ 'ଜୁଗ୍ ଜୁଗ୍ ଜିଓ', ଅମର କୌଶିକଙ୍କ 'ଭେଡିୟା' ଏବଂ ଶ୍ରୀରାମ ରାଘବନ୍‌ଙ୍କ 'ଇକ୍କିସ୍'।' ଏହାବ୍ୟତୀତ ପିତା ଡେଭିଡ ଧାଓ୍ୱନଙ୍କ ନିର୍ଦ୍ଦେଶନାରେ ନିର୍ମିତ ରିମେକ୍ ଫିଲ୍ମ 'କୁଲି ନଂ-ୱାନ୍'ର ପବ୍ଲିସିଟି ପାଇଁ ମଧ୍ୟ ବରୁଣଙ୍କୁ ସମୟ ଦେବାକୁ ପଡୁଛି।


ବରୁଣ



# ଅପେକ୍ଷା କରିବେ ଶ୍ରଦ୍ଧା

ଶ୍ରଦ୍ଧା କପୁର ଏବଂ ପ୍ରଭାସଙ୍କୁ ନେଇ ନିର୍ମିତ 'ସାହୋ' ଦର୍ଶକଙ୍କୁ ପ୍ରଭାବିତ କରିବାରେ ସକ୍ଷମ ହୋଇ ନ ଥିଲା। ଏଥିରେ ନିଜ ଭୂମିକାକୁ ନେଇ କେତେ ସ୍ୱପ୍ନ ଦେଖିଥିଲେ ଶ୍ରଦ୍ଧା। ହେଲେ ସବୁ କେବଳ ଆଶାରେ ହିଁ ରହିଯାଇଥିଲା। 'ସାହୋ' ସିନା ଫ୍ଲପ୍ ହେଲା, କିନ୍ତୁ ପୁଣି ଥରେ ପ୍ରଭାସଙ୍କ ସହ ସ୍କ୍ରିନ୍ ଶେୟାର କରିବାକୁ ଚାହିଁ ବସିଛନ୍ତି ଏହି ଅଭିନେତ୍ରୀ। ଏ ନେଇ ଶ୍ରଦ୍ଧା କହନ୍ତି, ''ସାହୋ ଫିଲ୍ମ କାହିଁକି ଫ୍ଲପ୍ ହେଲା ତା'ର କାରଣ ମୁଁ ଏ ଯାଏ ଖୋଜି ପାଉନି। ଏଥିରେ କେବଳ ମୋ ଭୂମିକା ନୁହେଁ, ପ୍ରଭାସଙ୍କ ରୋଲ୍ କୌଣସି ଗୁଣରେ କମ୍ ନ ଥିଲା। ହେଲେ ଫିଲ୍ମଟିକୁ ଦର୍ଶକ ଗ୍ରହଣ କରି ନ ଥିଲେ। ଯାହା ହେଲେ ବି ସେମାନଙ୍କ ରାୟ ଆମକୁ ସମ୍ମାନ ଦେବାକୁ ହେବ। କାରଣ ଆମର କ୍ୟାରିୟର ସେମାନଙ୍କ ଉପରେ ହିଁ ନିର୍ଭର କରେ। ତଥାପି ପ୍ରଭାସଙ୍କ ପରି ଲୋକପ୍ରିୟ ଆକ୍ଟରଙ୍କ ସହ ଆଉ ଥରେ ଅଭିନୟ କରିବାକୁ ଇଚ୍ଛା ଅଛି। ହେଲେ ପ୍ରଯୋଜକମାନେ ଏହି ସୁଯୋଗ ମୋତେ ଦେଲେ ହେଲା। ଅନ୍ୟପକ୍ଷରେ ପ୍ରଭାସଙ୍କ ଅଭିନୟ ମୋତେ ସବୁ ଦୃଷ୍ଟିରୁ ଭଲ ଲାଗେ। ତାଙ୍କ ସହ ପୁଣି ଥରେ ବଡ ପରଦାରେ ମୁହଁ ଦେଖାଇବାକୁ ଯଦି ମୋତେ ଆଉ କିଛି ବର୍ଷ ଅପେକ୍ଷା କରିବାକୁ ପଡେ ତେବେ ମୁଁ ମନ ଦୁଃଖ କରିବି ନାହିଁ।'' ଦେଖାଯାଉ, ଶ୍ରଦ୍ଧାଙ୍କ ପାଇଁ ଏହି ସୁଯୋଗ କେବେ ଆସୁଛି।

# ଲାଜୁଆ ହସକୁ ଚୋରା ଚାହାଣି, ରଙ୍ଗୀଲା ମନକୁ ନେଇଛି କିଣି

**ପ୍ରଶ୍ନ**–ସେ ମୋତେ ଦେଖିଲେ ହସି ଦେଇ ଚାଲିଯାଉଛି। ମୁଁ ହସିଦେଲେ ସେ କିଛି ନ କରି ମୁହଁପୋତି ଠିଆ ହେଉଛି। ଏଥିରୁ ସେ ମୋତେ ପ୍ରେମ କରୁଛି ବୋଲି ବୁଝିବି କି ?

–*ପ୍ରଦୀପ ଦାସ, ବ୍ରହ୍ମପୁର*

**ଉତ୍ତର :** ସେହି ହସରେ ହିଁ ପ୍ରେମର ଅସଲ ମଞ୍ଜି ରହିଛି। କାରଣ– ଲାଜୁଆ ହସକୁ ଚୋରା ଚାହାଣି, ରଙ୍ଗୀଲା ମନକୁ ନେଇଛି କିଣି। ଥରେ ମଗଜ ଖଟାଇ ପଢ଼ିବାକୁ ଚେଷ୍ଟା କରନ୍ତୁ। ପ୍ରେମର ଅସଲ ଖିଅ ଯେତେବେଳେ ଆପଣ ଧରିପାରିବେ ସେତେବେଳେ ଆଉ ଚିନ୍ତା ନ କରି ଆଗକୁ ମାଡ଼ି ଚାଲିବେ।

**ପ୍ରଶ୍ନ**–ମୁଁ ଯେତେ ଝିଅଙ୍କୁ 'ଆଇ ଲଭ୍ ୟୁ' କହୁଛି ସମସ୍ତେ ମୁହଁମୋଡି ଚାଲିଯାଉଛନ୍ତି ? କ'ଣ କରିବି ?

–*ସୁମନ୍ତ, ରାଉରକେଲା*

**ଉତ୍ତର :** ଆପଣ ସବୁବେଳେ ପ୍ରଥମ ବଲ୍‌କୁ ଛକା ମାରିବାକୁ ଚାହୁଁଛନ୍ତି। ହେଲେ ଏହା ତ ସବୁବେଳେ ସମ୍ଭବ ନୁହେଁ। ବୋଲ୍ଡ କିମ୍ବା କ୍ୟାଚ୍ ହେବାର ଚାନ୍ସ ରହିଛି। ପ୍ରେମ କରିବା ପୂର୍ବରୁ ତରବର ହେଉଛନ୍ତି କିଆଁ ? କଥାରେ ପରା ଅଛି– ଧୀର ପାଣି ପଥରେ କାଟେ। ତେଣୁ ଦେଖିଚାହିଁ ଏମିତି ଗୁଗୁଲି ମାରନ୍ତୁ ଯେମିତି ଆପଣଙ୍କ ସ୍ୱପ୍ନସୁନ୍ଦରୀ ଆସି ଆପେ ଆପେ ଆପଣଙ୍କ ପ୍ରେମ ଜାଲରେ ଧରା ଦେବ। କାରଣ ପ୍ରେମରେ ତରବର ହେଲେ ତାହା ଏମିତି ଅଡୁଆତଡୁଆ ହୋଇଯାଏ ଯେ, ତାହାକୁ ସଜାଡ଼ିବା କଷ୍ଟକର ହୋଇପଡ଼େ। ତେଣୁ ସବୁବେଳେ ପ୍ରେମ ରାସ୍ତାରେ ହାତେ ମାପି ଚାଖଣ୍ଡେ ଚାଲନ୍ତୁ।

**ପ୍ରଶ୍ନ**–ପ୍ରେମରେ ବାରମ୍ବାର ଧୋକା ଖାଇବା ପରେ ମଧ୍ୟ ମୋର ପ୍ରେମ କରିବାକୁ କାହିଁକି ମନ ହେଉଛି ତାହା ମୁଁ ଜାଣି ପାରୁନାହିଁ।

–*ତପନ ରାଉତ, ପୁରୀ*

**ଉତ୍ତର :** ଏତେଥର ଠୋକର୍ ଖାଇବା ପରେ ବି ଆପଣଙ୍କ ପ୍ରେମର ନିଶା ଖସୁ ନାହିଁ। କ'ଣ ପାଇଁ ପ୍ରେମରେ ବାରମ୍ବାର ଧୋକା ଖାଉଛନ୍ତି ତାହାର କାରଣ ପ୍ରଥମେ ଜାଣନ୍ତୁ। ଯଦି 'ଆପଣା ହସ୍ତେ ଜିହ୍ୱା ଛେଦି, କେ ତା'ର ଅଛି ପ୍ରତିବାଦୀ' ପରି ପ୍ରେମ କରୁଥିବେ ତେବେ ଆପଣଙ୍କ ଦୁଃଖରେ 'ଆହା' ବୋଲି କହିବାକୁ କିଏ ପାଦ ବଢ଼ାଇବ କହିଲେ ? ତେଣୁ ବେଳ ଥାଉ ଥାଉ ସୁଧୁରି ଠିକ୍ ଫର୍ମୁଲା ଆପ୍ଲାଏ କରି ପ୍ରପୋଜ୍ କରନ୍ତୁ। ଦେଖିବେ ଦିନେ ନା ଦିନେ ଅସଫଳ ପ୍ରେମ ମିଶନ୍ ସଫଳ ହେବ।

**ପ୍ରଶ୍ନ**–ପ୍ରେମରେ କିଏ ଧୋକା ଦିଏ, ପ୍ରେମିକା ନା ପ୍ରେମିକ ?

–*ଅନୁରାଧା, ଫୁଲବାଣୀ*

**ଉତ୍ତର :** ଇଏ ବଡ଼ ଗହନ କଥା। ଧୋକା ଯିଏ ଦେଉ ନା କାହିଁକି ତା'ପଛରେ ନିଶ୍ଚୟ କିଛି କାରଣ ଥିବ। ଗୋଟିଏ ହାତରେ କେବେ ତାଳି ବାଜିଲାଣି ? ଛାଡନ୍ତୁ, ସେଭଳି ଟେନ୍‌ସନ୍ କଥାରେ ମୁଣ୍ଡ ନ ଖେଳେଇଲେ ଭଲ। ଯଦି ପ୍ରେମ କରୁଛନ୍ତି ତେବେ ବାଲାନ୍ସ ରଖି ଚାଲନ୍ତୁ। କାରଣ ଟିକେ ଅସାବଧାନ ହେଲେ ଗୋଡ଼ ଖସିଯିବାର ଭୟ ରହିଛି।

**ପ୍ରଶ୍ନ**–ମୋ ପ୍ରେମିକା ମୋତେ କଥା ଦେଇଥିଲା ଯେ, ସେ କେବେ ମୋ ହାତ ଛାଡ଼ିବ ନାହିଁ। ହେଲେ ସେ ମୋତେ ଛାଡ଼ି ଆଉ କାହା ହାତ ଧରି ଚାଲିଗଲା କାହିଁକି ?

–*ତନ୍ମୟ ସାହୁ, ଢେଙ୍କାନାଳ*

**ଉତ୍ତର :** ସେହି ପ୍ରତିଶ୍ରୁତି ହୁଏ ତ ପାଣିଚିଆ ଥିଲା। ଦୁହିଁଙ୍କର ପ୍ରେମ ଯଦି ଏତେ ଗାଢ଼ ଥିଲା ତେବେ ପ୍ରେମିକା ବାଟ କାଟି ଚାଲିଯିବାର କାରଣ କିଛି ନାହିଁ। ହୁଏତ ତୁ ତୁ ମେଁ ମେଁକୁ ଆଳକରି ସେ ହାତ ଛାଡ଼ି ଦେଇଥିବ। ଏବେ ତ ସେ ଚାଲିଗଲାଣି। ଆଉ ତାହାର କାରଣ ଖୋଜିଲେ କ'ଣ ହେବ ? ଏଥର ଏମିତିକା ପ୍ରେମିକାଟିଏ ଚଏସ୍ କରନ୍ତୁ ଯିଏ କୌଣସି ପରିସ୍ଥିତିରେ ଆପଣଙ୍କ ହାତ ଛାଡ଼ିବ ନାହିଁ।




ପ୍ରଥମ ରୋଜଗାର

# ପ୍ରଥମ ରୋଜଗାର ଦାନରେ ସରିଥିଲା



**ସାହିତ୍ୟିକ ଅଜୟ ମହାପାତ୍ର ନିଜ ପ୍ରଥମ ରୋଜଗାର ସମ୍ପର୍କରେ ଯାହା କୁହନ୍ତି...**

ପୁରୀ ଜିଲା ପାରିକୁଦର ବଡ଼ଖାଡ଼ ଗାଁରେ ମୋ ଜନ୍ମ। ସ୍କୁଲ୍ ଓ କଲେଜ ପଢ଼ାବେଳେ ଗପ, ନାଟକ ଲେଖିବା ଓ ନାଟକରେ ଅଭିନୟ କରିବା ମୋର ନିଶା ଥିଲା। ସିଭିଲ୍ ଇଞ୍ଜିନିୟରିଂରେ ସ୍ନାତକୋତ୍ତର, ଓଡ଼ିଆରେ ଏମ.ଏ. ଓ ତା' ସାଥିରେ ବାସ୍ତୁଶାସ୍ତ୍ର କୋର୍ସ କଲି। ଇଂଜିନିୟରିଂ ଫାଇନାଲ ପରୀକ୍ଷା ପରେ ଜଣେ ପରିଚିତ ବ୍ୟାଙ୍କ୍ ମ୍ୟାନେଜରଙ୍କ ଅନୁରୋଧ କ୍ରମେ ମୁଁ ତାଙ୍କ ଘର ପାଇଁ ପ୍ଲାନ ତିଆରି କରିଥିଲି। ପ୍ଲାନଟି ସେ ବ୍ୟାଙ୍କ୍ ମ୍ୟାନେଜରଙ୍କୁ ପସନ୍ଦ ଆସିବାରୁ ସେ ମୋତେ ଡାକିଲେ। ମନା କରିବା ସତ୍ତ୍ୱେ ହାତରେ ଏକ ଖାମ୍ ଧରାଇଦେଲେ। ମୁଁ କିଛି ବୁଝିପାରିଲିନି। ପରେ ଖାମ୍ ଖୋଲି ଦେଖିଲି ସେଥିରେ ଦଶ ହଜାର ଟଙ୍କା ଥିଲା। ଏହା ୧୯୯୪ ମସିହାର ଘଟଣା। ସେତେବେଳେ ଏ ଟଙ୍କାର ମୂଲ୍ୟ ଢେର ଥିଲା। ଏହା ମୋର ପ୍ରଥମ ରୋଜଗାର ଥିଲା, ଏହାକୁ ମୁଁ ମହତ୍ କାମରେ ଲଗାଇବା ପାଇଁ ସ୍ଥିର କରିଥିଲି। ତେଣୁ ସେଥିରୁ ୫ହଜାର ଟଙ୍କା ନେଇ ଏକ ଅନାଥାଶ୍ରମକୁ ଦାନ କଲି। ଆଉ ହଜାରେ ଟଙ୍କା ରାମମନ୍ଦିର ଭିକାରିଙ୍କ ମଧ୍ୟରେ ବାଣ୍ଟିଦେଲି। ୨ ହଜାର ଟଙ୍କାର କିଛି ଇଂଜିନିୟରିଂ ଓ ସାହିତ୍ୟ ପୁସ୍ତକ କିଣିଥିଲି। ଆଉ ବାକି ୨ ହଜାର ଟଙ୍କା ଜଣେ ମିଛୁଆକୁ ଦେଇଥିଲି। ସେ ମୋତେ ମିଛ କାହାଣୀ କହି ମୋଠୁ ଶହେ, ଦୁଇ ଶହ ଟଙ୍କା ବେଳେବେଳେ ନେଉଥିଲା। ମୁଁ ଜାଣେ ସିଏ ମିଛ କହେ, ତଥାପି ମୁଁ ଦିଏ। କାରଣ ତା' ମିଛ କାହାଣୀରୁ ମୋତେ କାହାଣୀ ମିଳୁଥିଲା। ତେଣୁ ତାକୁ ଯେଉଁ ଟଙ୍କା ମୁଁ ଦେଉଥିଲି ତାହା ଦୟା ନ ଥିଲା ବରଂ ତାହା ଥିଲା ତା'ର ପାଉଣା। ଏହିପରି ଭାବେ ମୋର ପ୍ରଥମ ରୋଜଗାରକୁ ମୁଁ ଖର୍ଚ୍ଚ କରିଥିଲି। ତେବେ ଏହି ରୋଜଗାରର ପ୍ରେରଣାରେ ମୁଁ ଘର ପ୍ଲାନ ଓ ବାସ୍ତୁ ଉପରେ କନ୍‌ସଲଟାନ୍ସି ଖୋଲିଥିଲି। ୨୦୦୪ରେ ରୁରାଲ୍ ଡେଭଲପମେଣ୍ଟ ଡିପାର୍ଟମେଣ୍ଟରେ ଆସିଷ୍ଟାଣ୍ଟ ଇଂଜିନିୟର ଭାବେ ଜଏନ୍ କରିବା ପର୍ଯ୍ୟନ୍ତ କନ୍‌ସଲଟାନ୍ସିରେ କାମ କରୁଥିଲି। ବର୍ତ୍ତମାନ ମୁଁ ଆସିଷ୍ଟାଣ୍ଟ ଏକ୍‌ଜିକ୍ୟୁଟିଭ୍ ଇଂଜିନିୟର ଭାବେ କାର୍ଯ୍ୟରତ। ଚାକିରି ସହିତ ଗପ, ନାଟକ, ଉପନ୍ୟାସ ତଥା ଟେକ୍ନିକାଲ୍ ଓ ବାସ୍ତୁଶାସ୍ତ୍ରକୁ ନେଇ ଅନେକ ପୁସ୍ତକ ରଚନା କରିଛି। ବର୍ତ୍ତମାନ ପର୍ଯ୍ୟନ୍ତ ଟେକ୍ନିକାଲ୍ ଓ ବାସ୍ତୁଶାସ୍ତ୍ର ଉପରେ ଆଧାରିତ ୨୦ଟି ଓଡ଼ିଆ ପୁସ୍ତକ ଓ ଗୋଟିଏ ଇଂରାଜୀ ପୁସ୍ତକ, ୧୦ଟି ଗଳ୍ପ ସଂକଳନ, ଓଡ଼ିଆରେ ୨ଟି ଓ ଇଂରାଜୀରେ ୧ଟି ଉପନ୍ୟାସ, ୮ଟି ନାଟ୍ୟପୁସ୍ତକ ଇତ୍ୟାଦି ପ୍ରକାଶିତ ହୋଇସାରିଲାଣି। ଏଥିସହିତ ମୋ ଲିଖିତ ୧୫ଟି ନାଟକ ବିଭିନ୍ନ ନାଟ୍ୟସଂସ୍ଥା ତରଫରୁ ମଞ୍ଚସ୍ଥ ବି ହୋଇସାରିଲାଣି। ସେହିପରି ମୋର କିଛି କାହାଣୀକୁ ନେଇ ଅତୀତରେ କେତୋଟି ସିରିଏଲ ଓ ଟେଲି ସିନେମା ବି ନିର୍ମାଣ କରାଯାଇଛି। ବର୍ତ୍ତମାନ 'ଭୋଟ' କାହାଣୀକୁ ନେଇ ଓଡ଼ିଆ ଚଳଚ୍ଚିତ୍ର ନିର୍ମାଣ ଚାଲୁଅଛି। ତା'ଛଡା ମୁଁ ମଧ୍ୟ କେତୋଟି ଟିଭି ସିରିଏଲରେ ଅଭିନୟ କରିବା ସହ ବାସ୍ତୁଶାସ୍ତ୍ର କାର୍ଯ୍ୟକ୍ରମଗୁଡ଼ିକରେ ଆଙ୍କରିଂ ବି କରିଛି। ଆଉ ତାକୁ ନେଇ ଅନେକ ପୁରସ୍କାର ଓ ସମ୍ମାନ ବି ମୋତେ ମିଳିଛି।

–*ଅସ୍ମିତା*

# ଦାମୀ ଟି ପଟ୍



ଚା ପିଇବାର ସଉକ ଯେଉଁମାନଙ୍କର ଥାଏ, ସେମାନଙ୍କର ଆକର୍ଷଣୀୟ ଟି କପ୍ ବା ଟି ପଟ୍ ପ୍ରତି ବି ସେତିକି ଦୁର୍ବଳତା ଥାଏ। ବଜାରରେ ଏମାନେ ଯଦି କେଉଁଠି ସୁନ୍ଦର ଟି କପ୍ ବା ଟି ପଟ୍ ବିକ୍ରି ହେଉଥିବାର ଦେଖନ୍ତି ତା' ହେଲେ ତାଙ୍କ ମନ କହେ କେମିତି ବି ହେଉ ତାକୁ କିଣି ଆଣିବେ। ହେଲେ ଏଠାରେ ଯେଉଁ କେତୋଟି ଟି ପଟ୍ କଥା କୁହାଯାଉଛି ତାହାକୁ କିଣିବା ସମସ୍ତଙ୍କ ପକ୍ଷେ ସମ୍ଭବ ନୁହେଁ। କାରଣ ସେଗୁଡ଼ିକ ଗୋଟେ ଗୋଟେ ଦାମୀ ଟି ପଟ୍ ଭାବେ ଜଣାଶୁଣା...





**ଦି ଇଗୋଇଷ୍ଟ:** ଏହାକୁ ବିଶ୍ୱର ସବୁଠୁ ଦାମୀ ଟି ପଟ୍ ଭାବେ ଗିନିଜ୍ ବୁକ୍ ଅଫ୍ ରେକର୍ଡସରେ ସ୍ଥାନ ମିଳିଛି। କାରଣ ଏହାର ଦାମ୍ ହେଉଛି ପ୍ରାୟ ୩ ମିଲିୟନ୍ ଡଲାର୍। ଏହି ଟି ପଟ୍‌ଟିକୁ ପ୍ରାୟ ୧୬୫୮ଟି ଡି ଏବଂ ଇ କଲରର ଗ୍ରେଡ୍ ଡାଇମଣ୍ଡ, ୩୮୬ଟି ରୁବି ଏବଂ ଏହାର ଉପରି ଭାଗରେ ଗୋଟିଏ ୬.୬୭ କ୍ୟାରେଟ ବିଶିଷ୍ଟ ଥାଇ ରୁବି ଲଗାଇ ଡିଜାଇନ୍ କରାଯାଇଛି। ବ୍ରିଟିଶ୍ ବିଲିଅନେୟାର୍ ନିର୍ମଳ ସେଥିୟା ଏହାକୁ ଡିଜାଇନ୍ କରିଥିବାବେଳେ ଏଥିରେ ଡାଇମଣ୍ଡ ଓ ରୁବିର ଆକର୍ଷଣୀୟ କାମ ମିଲାନିଜ୍ ଜୁଏଲର୍ ସ୍କାଭିଆ ବେଶ୍ ନିଖୁଣ ଭାବେ କରିଥିଲେ।

**କାର୍ଭଡ୍ ରୁବି ଡ୍ରାଗନ୍ ଟି ସେଟ୍:** ୧୬ ପିସ୍ ବିଶିଷ୍ଟ ଏହି ଟି ସେଟ୍ ଟିକୁ ଆର୍ଟିଷ୍ଟ ଲୁଇସ୍ ଆଲବର୍ଟୋ କୁଇସପେ ଆପାରିସିଓ ଡିଜାଇନ୍ କରିଥିଲେ। ବାଇଗଣି ରଙ୍ଗର ଏହି ଟି ସେଟ୍‌ରେ ୧୮ କ୍ୟାରେଟ ଗୋଲ୍ଡ ଓ କିଛି ରୁବିର ବ୍ୟବହାର କରାଯାଇଛି। ୨୦୧୬ ମସିହାରେ ହୋଇଥିବା ଏକ ନିଲାମରେ ଏହାର ମୂଲ୍ୟ ପ୍ରାୟ ୨,୧୯,୬୦୦ ଆମେରିକୀୟ ଡଲାର୍ ହୋଇଥିଲା।

**ପେୟାର୍ ଅଫ୍ ଫାମିଲେ ରୋଜ୍ ମେଲନ୍ ଟି– ପଟ୍:** ସାମାନ୍ୟ ରୋଜ୍ ଡିଜାଇନ୍ ର ଏହି ଟି–ପଟ୍ ଦୁଇଟି ଦେଖିବାକୁ ଯେମିତି ଆକର୍ଷଣୀୟ ଲାଗିଥାଏ ଏହାର ମୂଲ୍ୟ ବି ସେମିତି ଆକାଶ ଛୁଆଁ। ସୂଚନା ଅନୁଯାୟୀ, ୨୦୧୧ ମସିହାରେ ହୋଇଥିବା ନିଲାମରେ ଏହି ଟି–ପଟ୍ ଦୁଇଟିର ମୂଲ୍ୟ ପ୍ରାୟ ୨.୧୮ ମିଲିୟନ୍ ଡଲାର୍ ହୋଇଥିଲା।

**ଦ ହାଫ୍ ଫିଗର୍ ସର୍ଭିସ୍ ମେଇସେନ୍ ପୋର୍କେଲେନ୍ ଟି–ପଟ୍:** ହାଫ୍ ଫିଗର୍ ସର୍ଭିସ୍ ହେଉଛି ଆଠ ପିସ୍ ବିଶିଷ୍ଟ ଏକ ଆକର୍ଷଣୀୟ ଟି–ସେଟ୍। ଏହାକୁ ୧୭୨୩ ମସିହାରେ ତିଆରି କରାଯାଇଥିବା ସୂଚନା ରହିଛି। ତେବେ ମଣିଷଙ୍କର ଅଧା ଅଧା ଛବି ଚିତ୍ରିତ ହୋଇଥିବା ଏହି ଟି–ସେଟ୍ ର ମୂଲ୍ୟ ଏକ ନିଲାମରେ ପ୍ରାୟ ୮୫୦,୦୦୦ ଆମେରିକୀୟ ଡଲାର୍ ହୋଇଥିଲା।

**ଟିଫାନି ଜାପାନିଜ୍ ଷ୍ଟାଇଲ୍ ଟି–ସେଟ୍:** ରୂପାର ଏହି ଟି–ସେଟ୍ ରେ କଙ୍କି, ପ୍ରଜାପତି, ବୁଢିଆଣି ତଥା ଅନ୍ୟ କେତେକ କୀଟପତଙ୍ଗଙ୍କର ଛବି ଚିତ୍ରିତ ହୋଇଥିବା ଦେଖିବାକୁ ମିଳିଥାଏ। ତେଣୁ ୨୦୦୬ ମସିହାରେ ହୋଇଥିବା ଏକ ନିଲାମରେ ଏହାର ମୂଲ୍ୟ ୩୮୦,୦୦୦ ଡଲାର୍ ହୋଇଥିଲା।

**ଟିଫାନି ଆଣ୍ଡ କୋ ଷ୍ଟେରଲିଙ୍ଗ୍ ସିଲଭର୍ ଟି ଆଣ୍ଡ କଫି ସର୍ଭିସ୍:** ୬ ପିସ୍ ବିଶିଷ୍ଟ ରୂପାର ଏହି ଟି ଓ କଫି ସେଟ୍ ଟି ଦେଖିବାକୁ ଖୁବ୍ ଆକର୍ଷଣୀୟ ଲାଗିଥାଏ। ୨୦୧୪ ମସିହାରେ ହୋଇଥିବା ଏକ ନିଲାମରେ ଏହାର ଦର ପ୍ରାୟ ୨୨,୮୦୦ ଡଲାର୍ ଥିବା ସୂଚନା ରହିଛି।





## ସୂଚନା

ଏଠାରେ ଫଟୋ ପ୍ରକାଶ
ପାଇବା ପାଇଁ କିଛି ଟଙ୍କା
ଦେବାକୁ ପଡ଼େନାହିଁ।
ଯୋଗ୍ୟ ବିବେଚିତ ଫଟୋ
ହିଁ ପ୍ରକାଶ ପାଇବ।



ମୋନାଲିସା

ଆପଣଙ୍କ ମୁହଁ ମଡେଲ ମିରର୍‌ରେ ଦେଖିବାକୁ ଚାହୁଁଥିଲେ
ଯୋଗାଯୋଗ: ଧରିତ୍ରୀ ଛୁଟିଦିନ, ବି-୧୫ ରସୁଲଗଡ଼
ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
ଫୋନ ନଂ: (୦୬୭୪) ୨୫୮୦୧୦୧
ଫଟୋ ସୌଜନ୍ୟ: କୁମାର ଶରତ, ମେକଅପ୍: ମାନସ

# ହାଃ ହାଃ

## ପୂଜା


ସ୍ତ୍ରୀ ସ୍ୱାମୀଙ୍କୁ- ହେଇଟି ଶୁଣୁଛ ତମେ ଟିକେ ପୂଜା କରିବାରେ ମନ ଦିଅ। ଦେଖିବ ସବୁ ସମସ୍ୟା ଟଳିଯିବ।
ସ୍ୱାମୀ- ତମ ବାପା ବୋଧେ ବହୁତ ପୂଜା କରୁଥିଲେ। ସେଥିପାଇଁ ତାଙ୍କର ଟଳିଗଲା। ଆଉ ମୋ ପାଖକୁ ଚାଲି ଆସିଲା।

## ସୂର୍ଯ୍ୟ

ରାଜୁ ଚାକରକୁ- ଆକାଶରେ ସୂର୍ଯ୍ୟ ଆସିଲେଣି କି ନାହିଁ ଦେଖିଲୁ।
ଚାକର- ବାହାର ବହୁତ ଅନ୍ଧାର ଅଛି ଆଜ୍ଞା।
ରାଜୁ- ତୁ କାମ ଚୋର ହିଁ ରହିବୁ। ଟର୍ଚ୍ଚ ଜଳେଇକି ଟିକେ ଦେଖ।

## ଡ୍ରାଇଭର୍

ମୋହନ ଦିନେ ଏକ ଡବଲ ଡେକର୍ ବସ୍ ଉପରେ ଚଢିଗଲା। କଣ୍ଡକ୍ଟର ତାକୁ ଉପରକୁ ଯିବାକୁ କହିଲେ। କିଛି ସମୟ ପରେ ମୋହନ ଡରିକି ତଳକୁ ଓହ୍ଲାଇ ଆସିଲା।
କଣ୍ଡକ୍ଟର- କ'ଣ ହେଲା ? କାହିଁକି ତଳକୁ ଚାଲି ଆସିଲ ?
ମୋହନ- ମତେ ମାରିବ ନା କ'ଣ ? ଉପରେ ତ ଡ୍ରାଇଭର୍ ହିଁ ନାହିଁ।





# ପ୍ରାକୃତିକ ବୈଭବରେ ଭରା ରାଜସ୍ଥାନ

**ରାଜସ୍ଥାନ ଭାରତର ଲୋକପ୍ରିୟ ପର୍ଯ୍ୟଟନସ୍ଥଳୀଗୁଡିକ ମଧ୍ୟରୁ ଅନ୍ୟତମ। ଏଠାକାର ପ୍ରାଚୀନ ମହଲ, ଦୁର୍ଗ ତଥା ମନ୍ଦିରର ଶୋଭା ବେଶ୍ ମନଲୋଭା। ତା'ଛଡା ସ୍ଥାନୀୟ ଐତିହାସିକ କୀର୍ତ୍ତିରାଜି ଓ ପ୍ରାକୃତିକ ବୈଭବ ବି ଆଗନ୍ତୁକଙ୍କୁ ଖୁବ୍ ଆକୃଷ୍ଟ କରିଥାଏ। ତେବେ କରୋନା ମହାମାରୀ ପାଇଁ ବେଶ୍ କିଛିଦିନର ବ୍ୟବଧାନ ପରେ ପୁଣିଥରେ ଏହି ଦର୍ଶନୀୟସ୍ଥାନ ତା'ର ପର୍ଯ୍ୟଟକଙ୍କୁ ସ୍ୱାଗତ କରିବା ଆରମ୍ଭ କରିଦେଇଛି...**





ରାଜସ୍ଥାନ ଭାରତର ଏମିତି ଏକ ରାଜ୍ୟ, ଯାହାର ପ୍ରତି ଜିଲାରେ ଅନେକ ଦର୍ଶନୀୟ ସ୍ଥାନ ଦେଖିବାକୁ ମିଳିଥାଏ। ବିଶେଷକରି ଐତିହାସିକ ଦୁର୍ଗମାନ ଏଠାକାର ପ୍ରାୟ ସବୁ ସ୍ଥାନରେ ରହିଛି। ତା'ଛଡା ଏଠାରେ ଅନେକ ପୌରାଣିକ ମନ୍ଦିର ବି ଦେଖାଯାଏ। କହିବାକୁ ଗଲେ ଏଠାକାର ପର୍ଯ୍ୟଟନ ଉଦ୍ୟୋଗ ବେଶ୍ ସମୃଦ୍ଧିଶାଳୀ। କେବଳ ଦୁର୍ଗ ନୁହେଁ ଆଗନ୍ତୁକମାନେ ଏଠାରେ ଅନେକ ମହଲ, ଆକର୍ଷଣୀୟ ବଗିଚା, ମନ୍ଦିର, ବଜାର, ଜାତୀୟ ଉଦ୍ୟାନ, ପ୍ରାକୃତିକ ତଥା ମନୁଷ୍ୟକୃତ ହ୍ରଦ ଓ ବହୁତଳ କୂପ ଇତ୍ୟାଦି ବି ଦେଖିପାରିବେ। ତା'ଛଡା 'ମାଉଣ୍ଟ ଆବୁ' ବୋଲି ଏକ ଶୈଳନିବାସ ମଧ୍ୟ ଏଠାରେ ରହିଛି। ଏହାକୁ ଅନେକେ ରାଜସ୍ଥାନର ଶିମ୍ଲା ବୋଲି କହିଥାନ୍ତି। ପ୍ରତିବର୍ଷ ବହୁ ପର୍ଯ୍ୟଟକଙ୍କର ଆଗମନ ଏଠାକୁ ହୋଇଥାଏ।

**ଅନ୍ୟାନ୍ୟ ପର୍ଯ୍ୟଟନସ୍ଥଳୀ:** ରାଜସ୍ଥାନସ୍ଥିତ ଜୟପୁର, ଉଦୟପୁର, ଯୋଧପୁର, ଜୈସଲମେର୍, ବିକାନେର୍, ଅଜମେର୍ ଇତ୍ୟାଦି ହେଉଛି ଗୋଟିଏ ଗୋଟିଏ ପ୍ରମୁଖ ପର୍ଯ୍ୟଟନସ୍ଥଳୀ। ଜୟପୁରରେ ପର୍ଯ୍ୟଟକ ଅନେକ ଆକର୍ଷଣୀୟ ମହଲ ଓ ଦୁର୍ଗ ଦେଖିବାକୁ ପାଇବେ। ସେହିପରି ଉଦୟପୁର ହ୍ରଦ ପାଇଁ ବେଶ୍ ପ୍ରସିଦ୍ଧ। ଅନ୍ୟପକ୍ଷେ ଯୋଧପୁର ବି ଆକର୍ଷଣୀୟ ମହଲ, ଦୁର୍ଗ ତଥା ମନ୍ଦିର ପାଇଁ ମଧ୍ୟ ଲୋକପ୍ରିୟତା ହାସଲ କରିଛି। ତେବେ ଅନେକ ଐତିହାସିକ ସ୍ମୃତିକୁ ନିଜ ଭିତରେ ସାଇତି ରଖିଥିବା ଜୈସଲମେର୍‌ରେ ବି ବହୁ ପୁରୁଣା ଦୁର୍ଗ ଆଦି ଦେଖିବାକୁ ମିଳେ। ଏସବୁ ବ୍ୟତୀତ ଅନ୍ୟାନ୍ୟ ପର୍ଯ୍ୟଟନସ୍ଥଳୀରେ ପର୍ଯ୍ୟଟକଙ୍କ ମନକୁ ମୋହି ନେଲା ଭଳି ଅନେକ ଦର୍ଶନୀୟ ସ୍ଥାନ ରହିଛି।

**ଅନନ୍ୟ ସଂସ୍କୃତି ଓ ପରମ୍ପରା:** ରାଜସ୍ଥାନ ନିଜର ଅନନ୍ୟ ସଂସ୍କୃତି ଓ ପରମ୍ପରା ପାଇଁ ବେଶ୍ ପ୍ରସିଦ୍ଧି ଲାଭ କରିପାରିଛି। ତା'ଛଡା ଏଠାକାର ନୃତ୍ୟ, ସଙ୍ଗୀତ ତଥା କଳାକୃତି ମଧ୍ୟ ବେଶ୍ ଜୀବନ୍ତ ଓ ଆକର୍ଷକ ଲାଗିଥାଏ। ସେହିପରି ସ୍ଥାନୀୟ ପାରମ୍ପରିକ ପୋଷାକ ଦେଖିବାକୁ ବେଶ୍ କଳାତ୍ମକ ହୋଇଥାଏ, ଯେଉଁଥିରେ ଛୋଟ ଛୋଟ ମିରର୍ କାମ ହୋଇଥିବା ଦେଖିବାକୁ ମିଳିଥାଏ। ତେଣୁ ସାଧାରଣରେ କହିବାକୁ ଗଲେ କଳାପ୍ରେମୀଙ୍କ ପାଇଁ ରାଜସ୍ଥାନ କୌଣସି ସ୍ୱର୍ଗୀୟ ସ୍ଥାନଠୁ କମ୍ ନୁହେଁ।

**ଜରୁରୀ ସୂଚନା:** ତେବେ କରୋନା ମହାମାରୀକୁ ଦୃଷ୍ଟିରେ ରଖି ଏଠାରେ ପର୍ଯ୍ୟଟକଙ୍କୁ ବୁଲାବୁଲି କରିବାକୁ ଅନୁମତି ଦିଆଯାଇଥିଲେ ବି ସେମାନଙ୍କ ପାଇଁ କେତୋଟି ବାଧ୍ୟତାମୂଳକ ନିୟମ ଲାଗୁ କରାଯାଇଛି। ଯେମିତି କି– ରାଜସ୍ଥାନର ପ୍ରବେଶ ପଥରେ ବାଧ୍ୟତାମୂଳକ ସବୁ ପର୍ଯ୍ୟଟକଙ୍କୁ ସ୍କ୍ରିନିଂ ଟେଷ୍ଟ ଦେଇ ଗତି କରିବାକୁ ହେବ। ସେହିପରି ସାନିଟାଇଜର୍ ଓ ମାସ୍କର ବ୍ୟବହାରକୁ ମଧ୍ୟ ଏଠାରେ କଡାକଡି ଭାବେ ମାନିବାକୁ ହୋଇଥାଏ। ଅନ୍ୟପକ୍ଷେ ସାମାଜିକ ଦୂରତ୍ୱକୁ ବି ଏଠାରେ ଗୁରୁତ୍ୱ ଦିଆଯାଇଥାଏ। ତେଣୁ ଏହିସବୁ ନିୟମକୁ ମାନି ଏଠାରେ ବୁଲାବୁଲି କଲେ ସଂକ୍ରମଣର ଡର ଟିକେ କମ୍ ରହିଥାଏ।









# ବିସ୍କୁଟ ଖାଇବେ, ୪୦ଲକ୍ଷ ଦରମା ପାଇବେ




**ସା**ରା ଦୁନିଆରେ ଅନେକ ପ୍ରକାରର ଚାକିରି ରହିଛି। କିଏ ନିଜ ଚାକିରିକୁ ନେଇ ସନ୍ତୁଷ୍ଟ ଥାଆନ୍ତି ତ ଆଉ କିଏ ନ ଥାଆନ୍ତି। ତେବେ ଯଦି ଆପଣଙ୍କୁ କୁହାଯିବ ଚାକିରିରେ କେବଳ ବିସ୍କୁଟ ଖାଇବାକୁ ହେବ, ଆଉ ତା'ର ଟେଷ୍ଟ ରେକର୍ଡ କରିବାକୁ ହେବ। ଏହା ବଦଳରେ ଆପଣଙ୍କୁ ୪୦ ଲକ୍ଷ ଦରମା ମିଳିବ। ତେବେ ପ୍ରଥମତଃ ଆପଣ ବିଶ୍ୱାସ କରିବେନି ଯେ ଏଭଳି ଚାକିରି ସତରେ ଅଛି ବୋଲି। କିନ୍ତୁ ବାସ୍ତବରେ ଏଭଳି ଏକ ଚାକିରି ଅଛି। ସ୍କଟଲାଣ୍ଡର ବର୍ଡର ବିସ୍କୁଟ ନାମକ କମ୍ପାନୀ ଏହି ଚାକିରି ପ୍ରଦାନ କରୁଛି ; ଯେଉଁଥିରେ କର୍ମଚାରୀ ମଜାରେ ବିସ୍କୁଟ ଖାଇବେ ଓ ୪୦ ଲକ୍ଷ ଦରମା ବି ପାଇବେ। ଉକ୍ତ କମ୍ପାନୀ ମାଷ୍ଟର ବିସ୍କିଟର୍‌ଙ୍କ ସନ୍ଧାନ କରୁଛି, ଯେ କି ବେଷ୍ଟ ବିସ୍କୁଟର ଟେଷ୍ଟ ଜାଣିପାରିବେ। ଯେ ବି ଏହି ପଦବୀରେ ରହିବେ ତାଙ୍କୁ ବାର୍ଷିକ ୪୦ଲକ୍ଷ ଟଙ୍କା ଦରମା ସହିତ ରହିବା ଖାଇବା ମାଗଣାରେ ଦିଆଯିବ। ତା'ସହ ୱିକେଣ୍ଡକୁ ଛାଡି ଆହୁରି ୩୫ଟି ଛୁଟି ବି ମିଳିବ। ତେବେ ଏହି ଚାକିରି ପାଇଁ ବ୍ୟକ୍ତିଙ୍କର ସ୍ୱାଦ ଚାଖିବା ଶକ୍ତି ପ୍ରଖର ହେବା ଦରକାର। ବିସ୍କୁଟ ଖାଉ ଖାଉ ଜାଣିଦେବା ଜରୁରୀ ଯେ, ସେଥିରେ କ'ଣସବୁ ସାମଗ୍ରୀ ପଡିଛି। ତା'ସହ ତାଙ୍କୁ ଏହା ବି କହିବାକୁ ହେବ ଯେ, ବିସ୍କୁଟରେ କ'ଣ ମିଶାଗଲେ ତା'ର ସ୍ୱାଦ ଆହୁରି ଅଧିକ ବଢିବ। ତା'ଛଡା ବିସ୍କୁଟର ବିକ୍ରି କିଭଳି ବଢିପାରିବ ସେ ସମ୍ପର୍କରେ ଯଦି ଭଲ ଆଇଡିଆ ଦେଇପାରିବେ ତେବେ ଚାକିରି ପକ୍କା। ଯେଉଁମାନେ ନିଜକୁ ଏହି ଚାକିରି ପାଇଁ ଉପଯୁକ୍ତ ଭାବୁଛନ୍ତି ସେମାନେ କମ୍ପାନୀର ୱେବସାଇଟରେ ଆବେଦନ କରିପାରିବେ। ତାହିଁଲେ କମ୍ପାନୀର ଲିଙ୍କଡ୍‌ଇନ୍ ପ୍ରୋଫାଇଲ୍‌ରେ ବି ଚାକିରି ପାଇଁ ଆବେଦନ କରିପାରିବେ।

## କାର୍ଟୁନ କର୍ନର



# କ୍ୟାଣ୍ଡେଲ

## ନିଜେ କରନ୍ତୁ, ଘର ସଜାନ୍ତୁ




**ଆଲୋକର ପର୍ବ ଦୀପାବଳି । ସେଥିପାଇଁ ଦୀପାବଳିରେ ଘରକୁ ସଜାଇବା ପାଇଁ ସମସ୍ତେ ବଜାରରୁ ଆକର୍ଷଣୀୟ କ୍ୟାଣ୍ଡେଲ କିଣିଥାନ୍ତି, କିନ୍ତୁ ଆପଣ ଚାହିଁଲେ ଘରେ ବିଭିନ୍ନ ପ୍ରକାରର କ୍ୟାଣ୍ଡେଲ ତିଆରି କରି ଘରକୁ ଦୀପାବଳିରେ କ୍ଲାସିକ୍ ଲୁକ୍ ଦେଇପାରିବେ ...**

### ବଳକା କ୍ୟାଣ୍ଡେଲରେ ନୂଆ କ୍ୟାଣ୍ଡେଲ:

ଘରେ ଥିବା ପୁରୁଣା ବଳକା କ୍ୟାଣ୍ଡେଲକୁ ଗୋଟିଏ ପାତ୍ରରେ ତରଳାଇ ଦିଅନ୍ତୁ । ଏହି ତରଳ ମହମରେ କିଛି ଜିଙ୍କ୍ ପାଉଡର ଓ ଚୁମ୍‌କି ମିଶାଇ ପାରିବେ । ଏହାକୁ ଏବେ ଛୋଟ ଛୋଟ କାଚ ଜାର୍, ଗ୍ଲାସ୍ ବା କାଚ କଣ୍ଟେନର୍‌ରେ ମୋଟା ସୂତା ମଝିରେ ରଖି ତରଳ ମହମର ମିଶ୍ରଣକୁ ଢାଳନ୍ତୁ । କିଛି ସମୟ ମଧ୍ୟରେ ନୂଆ କ୍ୟାଣ୍ଡେଲ ପ୍ରସ୍ତୁତ ହୋଇଯିବ ।

### କ୍ରେୟନ୍ କଲରରେ କ୍ୟାଣ୍ଡେଲ:

ଛୋଟପିଲାଙ୍କର ବହୁତ ଭଙ୍ଗା କ୍ରେୟନ୍ କଲର ଥାଏ । ଏହି କ୍ରେୟନ୍ କଲରକୁ ତରଳାଇ ମିକ୍ସ କଲରର ରଙ୍ଗିନ କ୍ୟାଣ୍ଡେଲ ତିଆରି କରିପାରିବେ । ଛୋଟ କାଚ କଣ୍ଟେନର୍ ବା ଗ୍ଲାସ୍‌ରେ ଏହି କ୍ରେୟନ୍ କ୍ୟାଣ୍ଡେଲ ଦେଖିବାକୁ ବହୁତ ଆକର୍ଷଣୀୟ ଲାଗିଥାଏ ।



### ପାଣିରେ କ୍ୟାଣ୍ଡେଲ :

ଏବେ ପାଣିରେ ମଧ୍ୟ କ୍ୟାଣ୍ଡେଲ ପ୍ରସ୍ତୁତ କରି ପାରିବେ । ଛୋଟ ପ୍ଲାଷ୍ଟିକ୍ ଗ୍ଲାସ୍‌ରେ ସାଦା ପାଣିରେ ଆପଣଙ୍କ ପସନ୍ଦ ଅନୁଯାୟୀ ରଙ୍ଗ ମିଶାନ୍ତୁ । ଆପଣ ଚାହିଁଲେ ଏଥିରେ ବିଭିନ୍ନ ପ୍ରକାର ଫୁଲ ମଧ୍ୟ ପକାଇପାରିବେ । ଏହାପରେ ଗୋଟେ ପ୍ଲାଷ୍ଟିକର ପତଳା ଜରିକୁ ଗୋଲ କରି କାଟନ୍ତୁ । ସେଥିରେ ମଝିରେ କଣାକରି ମୋଟା ସୂତା ପୂରାନ୍ତୁ । ସେହି ପାଣି ଉପରେ କିଛି ତେଲ ପକାଇ ଏହି କାଟିଥିବା ପ୍ଲାଷ୍ଟିକ ଜରିକୁ ରଖନ୍ତୁ । ଏହା ପରେ ଆପଣଙ୍କର ପାଣିରେ କ୍ୟାଣ୍ଡେଲ ପ୍ରସ୍ତୁତ ହୋଇଗଲା । ଏହାକୁ ଆପଣ ବେଡରୁମ୍‌ରେ ଓ ଡାଇନିଙ୍ଗ୍ ରୁମରେ ସଜାଇ ପାରିବେ ।

### ଅଣ୍ଡା ଖୋଳରେ କ୍ୟାଣ୍ଡେଲ:

ଅଣ୍ଡା ଖୋଳରେ ମଧ୍ୟ କ୍ୟାଣ୍ଡେଲ ତିଆରି କରିହେବ । କିଛି ମହମକୁ ତରଳାଇ ସେଥିରେ କିଛି କଲର ବା ଚୁମ୍‌କି ମିଶେଇ ଦିଅନ୍ତୁ । ତା'ପରେ ଏହି ମହମକୁ ଅଣ୍ଡା ଖୋଳ ମଝିରେ ସୂତା ରଖି ମହମ ଢାଳନ୍ତୁ । ମହମ ଥଣ୍ଡା ହେବା ପରେ ଅଣ୍ଡା ଖୋଳକୁ ଛଡେଇ ଦିଅନ୍ତୁ । ଏହା ଅତି ସୁନ୍ଦର ଅଣ୍ଡା ସେପ୍‌ର କ୍ୟାଣ୍ଡେଲ ପ୍ରସ୍ତୁତ ହୋଇଯିବ ।

### ବରଫ କ୍ୟାଣ୍ଡେଲ :

ବରଫ ପରି କ୍ୟାଣ୍ଡେଲ ତିଆରି କରିବାକୁ ହେଲେ କିଛି ମହମ ଜେଲକୁ ଗରମ କରି ତରଳ ମହମକୁ ବରଫ କଣ୍ଟେନର୍‌ରେ ମଝି ସୂତା ରଖି ଢାଳନ୍ତୁ । ଏହାକୁ ଅଧିକ ଆକର୍ଷଣୀୟ କରିବା ପାଇଁ ଆପଣ ଏଥିରେ ବିଭିନ୍ନ କଲର ମଧ୍ୟ ମିଶେଇ ପାରିବେ । ମହମ ଥଣ୍ଡା ହେବା ପରେ ଏହା ବରଫ ଆକୃତିର ଦେଖାଯାଇଥାଏ ।

### କାଠ ପୁଟିରେ କ୍ୟାଣ୍ଡେଲ:

କାଠ ତିଆରି ଜିନିଷରେ ବ୍ୟବହୃତ ହେଉଥିବା ପୁଟିରେ ମଧ୍ୟ କ୍ୟାଣ୍ଡେଲ ତିଆରି କରିହେବ । ଏହାକୁ ତରଳାଇ କାଚ କଣ୍ଟେନରରେ ରଖିହେବ । ଏହାର ବାସ୍ନା ମଧ୍ୟ ବହୁତ ବଢିଆ । ରାତିରେ ଏହା ଗୋଲ୍ଡେନ୍ ଗ୍ଲୋ ଲୁକ୍ ଦେଇଥାଏ ।

### କଫି ମଞ୍ଜିରେ କ୍ୟାଣ୍ଡେଲ :

ମହମରେ କଫି ମଞ୍ଜି ମିଶେଇ କ୍ୟାଣ୍ଡେଲ ତିଆରି କରିହେବ । କାଚ ଗ୍ଲାସ୍ ମଧ୍ୟରେ କିଛି କଫି ମଞ୍ଜି ରଖି ସେଥିରେ ତରଳ ମହମ ମିଶେଇ ଏହି କ୍ୟାଣ୍ଡେଲ ପ୍ରସ୍ତୁତ କରାଯାଏ । ଏହାକୁ ରାତିରେ ଜଳାଇଲେ ସୁନ୍ଦର ଦେଖାଯିବା ସହ କଫି ବାସ୍ନା ମଧ୍ୟ ହୋଇଥାଏ ।















ବ୍ୟାକ୍ ପେଜ୍







# ଥୋଡିରେ ଖେଳନ୍ତି ସ୍ନୁକର

ମନରେ ଦୃଢ ଇଚ୍ଛାଶକ୍ତି ଥିଲେ, କୌଣସି କାମ ଅସମ୍ଭବ ନୁହେଁ। କଠିନରୁ କଠିନ ପରିସ୍ଥିତି ବି ଲକ୍ଷ୍ୟରୁ ବିଚ୍ୟୁତି କରିପାରିବ ନାହିଁ। ମହମ୍ମଦ ଇକ୍ରମ୍ ହେଉଛନ୍ତି ଠିକ୍ ସେହିଭଳି ଜଣେ ବ୍ୟକ୍ତି। ଜନ୍ମରୁ ତାଙ୍କର ଦୁଇ ହାତ ନାହିଁ। କିନ୍ତୁ ତାଙ୍କୁ ସ୍ନୁକର ଖେଳ ବହୁତ ପସନ୍ଦ ଥିଲା, ଯେଉଁଥିରେକି ଦୁଇ ହାତର ବ୍ୟବହାର ହୁଏ। ହେଲେ ଦୁର୍ଭାଗ୍ୟବଶତଃ ତାଙ୍କର ହାତ ନ ଥିଲା। ନିଜର ଦୈନନ୍ଦିନ କାମ ବି ନିଜେ ଭଲରେ କରିପାରନ୍ତି ନାହିଁ। ଅଧିକାଂଶ ସମୟ ତାଙ୍କ ବାପା ତାଙ୍କୁ ସାହାଯ୍ୟ କରନ୍ତି। ତଥାପି ସେ ମନର ଇଚ୍ଛାକୁ ଦବେଇବାକୁ ଚାହିଁ ନ ଥିଲେ। ଆଉ ନିଜ ଥୋଡିରେ ସ୍ନୁକର ଖେଳିବା ଆରମ୍ଭ କରିଥିଲେ। ଅନେକ ଅଭ୍ୟାସ ପରେ ଏବେ ସେ ସ୍ନୁକର ଖେଳିବାରେ ପାରଙ୍ଗମ ହୋଇପାରିଛନ୍ତି। ଆଉ ପାଲଟିଛନ୍ତି ଥୋଡିରେ ସ୍ନୁକର ଖେଳୁଥିବା ପୃଥିବୀର ପ୍ରଥମ ବ୍ୟକ୍ତି।



# କୁନି ବୈଜ୍ଞାନିକ ଗୀତାଞ୍ଜଳି

ଆମେରିକାର କଲରାଡୋରେ ରହୁଥିବା ଗୀତାଞ୍ଜଳି ରାଓ ଭାରତୀୟ ବଂଶୋଦ୍ଭବ ଅଟନ୍ତି। ବୟସ ତାଙ୍କର ମାତ୍ର ୧୧ ବର୍ଷ। ଏହି ବୟସରେ ସେ ଆମେରିକାର ଟପ୍ ୟଙ୍ଗ ସାଇଣ୍ଟିଷ୍ଟ ହେବାର ସୁନାମ ଅର୍ଜନ କରିଛନ୍ତି। ଉକ୍ତ ସମ୍ମାନ ସେ ତିଆରି କରିଥିବା ଏକ ଯାନ୍ତ୍ରିକ ଉପକରଣ ପାଇଁ ଲାଭ କରିଛନ୍ତି। ଏହି ଉପକରଣ ମାଧ୍ୟମରେ ପାଣିରେ ବିଷାକ୍ତ ଲିଡ ବା ସୀସା ଅଛି କି ନାହିଁ ଜଣାପଡିଥାଏ। ଆଜି ପର୍ଯ୍ୟନ୍ତ ଜଳରେ ସୀସା ଅଛି କି ନାହିଁ ଜାଣିବା ବ୍ୟୟବହୁଳ ଥିଲା। ଜଳକୁ ସଂଗ୍ରହ କରି ଲ୍ୟାବ ପଠାଇ ପରୀକ୍ଷଣ କରାଯାଉଥିଲା। ହେଲେ ଗୀତାଞ୍ଜଳିଙ୍କ ଦ୍ୱାରା ତିଆରି ଉପକରଣରେ ସହଜରେ ଓ କମ୍ ସମୟରେ ପାଣିରେ ସୀସା ଅଛି କି ନାହିଁ ଜଣାପଡି ଯାଉଛି। ଉକ୍ତ ଉପକରଣକୁ ଯେକୌଣସି ସ୍ଥାନକୁ ନିଆଯାଇପାରେ। ଏହାକୁ ମୋବାଇଲର ଏକ ଆପ୍ ସହ ଯୋଡି ପାଣିରେ ସୀସା ଅଛି କି ନାହିଁ ଜଣାପଡିଥାଏ। ଗୀତାଞ୍ଜଳି ଉକ୍ତ ଉପକରଣର ନାମ ଗ୍ରୀସ୍‌ର ଶୁଦ୍ଧଜଳର ଦେବୀ ଟେଥିଜ୍‌ଙ୍କ ନାମାନୁସାରେ କରିଛନ୍ତି। ଗୀତାଞ୍ଜଳିଙ୍କୁ ଆୱାର୍ଡ ସହ ୧୬.୨୨ ଲକ୍ଷ ଅର୍ଥ ରାଶି ବି ପ୍ରଦାନ କରାଯାଇଥିଲା। ଗୀତା କହନ୍ତି, 'ଉକ୍ତ ଉପକରଣର ପରୀକ୍ଷଣ ସମୟରେ ମୁଁ ଅନେକ ଥର ବିଫଳ ହୋଇଥିଲି। ଆଉ ସେଥିପାଇଁ ବହୁତ ରାଗ ଲାଗିଥିଲା। ହେଲେ ମୁଁ ଜାଣିଥିଲି ଏହିଭଳି ଭାବେ ହିଁ ମୁଁ ସଫଳ ହେବି ବୋଲି।'



# ସବୁଠୁ ବଡ଼ ଦୀପ



ହିନ୍ଦୁ ଧର୍ମରେ ଦୀପର ମାହାତ୍ମ୍ୟ ବେଶ୍ ରହିଛି। ଯେ କୌଣସି ପୂଜା ହେଉ ନା କାହିଁକି ଦୀପ ଲୋଡା ପଡେ। ଦୀପାବଳି ପର୍ବରେ ତ ଘରେ ଘରେ ଜଳେ ଦୀପ। ଆଲୋକିତ ହୋଇଯାଏ ସାରା ପରିବେଶ। ଆଉ ମହାଦେବଙ୍କ ପର୍ବ ଜାଗରରେ ବି ଦୀପର ମହତ୍ତ୍ୱ ରହିଛି। ଏହି ପର୍ବରେ ଏକ ମହାଦୀପ ଜଳାଯାଇଥାଏ, ଯାହାର ଆକାର ବେଶ୍ ବଡ଼ ଥାଏ। ତେବେ ଆସାମର ଗୌହାଟିରେ ଛୋଟି ଦୀୱାଲି ବା ନରକ ଚତୁର୍ଦ୍ଦଶୀ ଦିନ ଜଳାଯାଇଥିଲା ଏକ ବିଶାଳକାୟ ଦୀପ। ଯାହା ଏତେ ବଡ ଥିଲା ଯେ, ପୃଥିବୀର ସବୁଠାରୁ ବଡ଼ ଦୀପଭାବେ ରେକର୍ଡ କରିଥିଲା। ଦୀପର ବ୍ୟାସ ୮ ଫୁଟ୍ ଥିବାବେଳେ ଉଚ୍ଚତା ୨.୫ ଫୁଟ୍ ଥିଲା। ଏଥିରେ ୮୦୦ ଲିଟର ତେଲ ରହୁଥିଲା। ଆସାମର ଗଭର୍ନର ଜଗଦୀଶ ମୁଖୀ ସେହି ଦୀପକୁ ପ୍ରଜ୍ୱଳନ କରିଥିଲେ।